ଧରିତ୍ରୀ
DHARITRI
February 10-16, 2019 ₹2/-

# ଛୁଟି ଦିନ



ପ୍ରଚ୍ଛଦ ପ୍ରସଙ୍ଗ ୩

## ପ୍ରେମ

ପ୍ରେମ ଶାଶ୍ୱତ ଓ ପବିତ୍ର। ପ୍ରେମରେ ନ ଥାଏ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ। ସେ କରେନି ରଙ୍ଗ ରୂପର ବିଚାର। ପ୍ରେମ କରିବାକୁ ଚେଷ୍ଟା କରାଯାଏନି, ହଉ ହଉ ହେଇଯାଏ। ହେଲେ ତାକୁ ଦୁନିଆ ଆଖିରେ ସ୍ୱୀକୃତି ଦେବାକୁ ଯାଇ ଅନେକଙ୍କୁ ସହିବାକୁ ହୋଇଥାଏ ଲାଞ୍ଛନା। ସେମିତି କେତେଜଣ ସୁଖୀ ଦମ୍ପତିଙ୍କ ସଂଘର୍ଷପୂର୍ଣ୍ଣ ପ୍ରେମକାହାଣୀକୁ ନେଇ ଏଥରର ଉପସ୍ଥାପନା...



୮/୯
ସିନେମା

ସହରଠୁ ଦୂର
୧୩



# ଚୋରି ରୋକିବା ପାଇଁ.....

✲ ଘରର ମୁଖ୍ୟ ଦ୍ୱାର ଅନ୍ୟ ଦ୍ୱାର ଅପେକ୍ଷା ବଡ ହେବା ଜରୁରୀ।
✲ ଘରର ଦ୍ୱାରଗୁଡ଼ିକ ଏକ ସରଳ ରେଖାରେ ରହିବା ଅନାବଶ୍ୟକ।
✲ ମୁଖ୍ୟ ଦ୍ୱାର ନିକଟରେ ଓଁ, ସ୍ୱସ୍ତିକ ତଥା ଗଣେଶ ଏବଂ ଲକ୍ଷ୍ମୀଙ୍କ ମୂର୍ତ୍ତି ବା ଫଟୋ ଲଗାନ୍ତୁ।
✲ ଘରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ପଥରେ ଯେପରି କୌଣସି ପ୍ରତିବନ୍ଧକ ନ ରୁହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
✲ ଘରର ମୂଲ୍ୟବାନ ଜିନିଷ ତଥା ଧନ ଆଦିକୁ ଉତ୍ତର- ପଶ୍ଚିମ ଦିଗରେ ରଖିବା ଅନୁଚିତ।
✲ ଘରର ଅଗଣା ବା ବଗିଚାରେ ତୁଳସୀ ଗଛଟିଏ ଅବଶ୍ୟ ଲଗାନ୍ତୁ, ଯାହା ନକାରାତ୍ମକ ଶକ୍ତିକୁ ଗୃହ ମଧ୍ୟକୁ ପ୍ରବେଶ କରିବାକୁ ଦିଏ ନାହିଁ।



# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୧୦-୧୬

**ମେଷ**
ବନ୍ଧୁଙ୍କ ସହାନୁଭୂତି ପାଇବେ। କର୍ମକ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି। ସମସ୍ୟା ସମାଧାନ ହୋଇଯିବ। ପରିବାରରେ ଉଚିତ ବୁଝାମଣା। ଯାନବାହନର ମରାମତି। ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା । ଅର୍ଥ ସଙ୍କଟରୁ ଚିନ୍ତା ।

**ବୃଷ**
ସ୍ୱାସ୍ଥ୍ୟ ଭଲ ରହିବ। କାମଗୁଡ଼ିକ ଅଟକି ରହିପାରେ। ଲୋକ ସମ୍ପର୍କ ବଢ଼ିବ। ମୂଲ୍ୟବାନ ଦ୍ରବ୍ୟ ଲାଭ। ମନୋରଞ୍ଜନ କାର୍ଯ୍ୟରେ ରୁଚି। ଦୂରଯାତ୍ରା କରିପାରନ୍ତି। ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି।

**ମିଥୁନ**
ଆଳସ୍ୟ, ଅବହେଳାରୁ କର୍ମହାନି। ସୁଯୋଗ ହାତଛଡା, ସମସ୍ୟାର ସରଳ ସମାଧାନ ହେବ। ପାରିବାରିକ ସ୍ଥିତିରେ ଉନ୍ନତି । ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି। ଛୋଟ ଛୋଟ କଥାରୁ କଳହ।

**କର୍କଟ**
ବନ୍ଧୁଙ୍କ ସାହାଯ୍ୟରୁ କାର୍ଯ୍ୟସିଦ୍ଧି। ପାରିବାରିକ ସମସ୍ୟାର ସମାଧାନ। ଭୋଗ ବିଳାସର ସୁଯୋଗ। ବିବାଦରେ ବିଜୟୀ। ସଙ୍ଗୀତ ସାଧନାରୁ ପୁରସ୍କାର। ଋଣ ପରିଶୋଧ ପାଇଁ ଚିନ୍ତା। ଯାତ୍ରା ସ୍ଥଗିତ ରହିଯିବ।

**ସିଂହ**
ପରିସ୍ଥିତି ବଦଳିଯିବ। ଅପ୍ରିୟ ସତ୍ୟଭାଷଣରୁ ଶତ୍ରୁତା। ପାରିବାରିକ କ୍ଷେତ୍ରରେ ଉଦାସୀନତା। ଆର୍ଥିକ ସ୍ୱଚ୍ଛଳତା ରହିବ। ପ୍ରିୟ ବନ୍ଧୁଙ୍କ ସାନ୍ନିଧ ପାଇବେ। ବୁଝାମଣା ଠିକ୍ ରହିବନି। ବିଦେଶ ଯାତ୍ରାର ସୁଯୋଗ ।

**କନ୍ୟା**
ଆଶା ପୂରଣ ହେବ। ଅନୁକୂଳ ପରିବେଶ ସୃଷ୍ଟି ହେବ। ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ଅହେତୁକ ଆଶଙ୍କା କରିବେ। ସାମ୍ବାଦିକତାରୁ ଗୌରବ ବୃଦ୍ଧି। ସାମାଜିକ ସମ୍ମାନ ମିଳିବ।

**ତୁଳା**
କର୍ମକ୍ଷେତ୍ରରେ ଉତ୍ସାହ। ବନ୍ଧୁଙ୍କ ପ୍ରେରଣା ପାଇବେ। ସହକର୍ମୀ କଳହ କରିପାରନ୍ତି। ଧର୍ମକାର୍ଯ୍ୟରେ ବାଧା। ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା। ଅର୍ଥସଙ୍କଟ ସୁଧୁରିବ। ସମ୍ପର୍କହାନି ଘଟିପାରେ। ଆତ୍ମୀୟଙ୍କ ଅପପ୍ରଚାର। ବ୍ୟବସାୟରେ ଉନ୍ନତି।

**ବିଛା**
ପଡୋଶୀଙ୍କ ସାହାଯ୍ୟ। ଋଣ ପରିଶୋଧ ଚିନ୍ତା। ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ସହନଶୀଳତାରୁ ପ୍ରଶଂସା। ଦୂରଯାତ୍ରାର ସୁଯୋଗ ପାଇବେ। କାର୍ଯ୍ୟ ହାସଲ ପାଇଁ ଚେଷ୍ଟା । ସନ୍ତାନଙ୍କ ଆରୋଗ୍ୟ କାମନା।

**ଧନୁ**
ବିବାଦରେ ପଡିପାରନ୍ତି। ସରକାରୀ ସାହାଯ୍ୟ ପ୍ରାପ୍ତି। ରାଜନୈତିକ ପୃଷ୍ଠପୋଷକତା। କର୍ମ କ୍ଷେତ୍ରରେ ତତ୍ପରତା । ପାରିବାରିକ ଟେନସନ କମିଯିବ। ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। ଭ୍ରାତୃ ସମ୍ପର୍କରେ ଉନ୍ନତି।

**ମକର**
କାମ ଠିକ୍ ଠାକ୍ ଚାଲିବ। ପରିସ୍ଥିତିକୁ ସଜାଡି ନେବେ। କର୍ମ ତତ୍ପରତା ବୃଦ୍ଧି । ବ୍ୟବସାୟରେ ଲାଭ । ବିବାଦୀୟ ଘଟଣାର ଅବସାନ। ବନ୍ଧୁ ଓଲଟା କଥା କହିବେ। କଳା ପ୍ରିୟ ହୋଇପାରନ୍ତି। ପାରିବାରିକ ସୌଖ୍ୟ। ଉଚ୍ଚ ସମ୍ମାନ ମିଳିବ।

**କୁମ୍ଭ**
ସହକର୍ମୀଙ୍କ ଅସହଯୋଗ। ଆରୋଗ୍ୟଲାଭରୁ ଆଶ୍ୱସ୍ତି। ସାଧାରଣ କଥାରେ କଳହ। ନିଜ ଲୋକମାନଙ୍କ ବିଶ୍ୱାସଘାତକତା। ଖର୍ଚ୍ଚାନ୍ତ ହୋଇପାରନ୍ତି। ଉଚିତ ପାରିଶ୍ରମିକ ପାଇବେ। ପରିବହନରେ ଝଗଡା। ଆନୁଷ୍ଠାନିକ କାମରୁ ପ୍ରଶଂସା।

**ମୀନ**
ଫାଇଲ୍ କାମ ବୃଦ୍ଧି । ଘରକଥା ବୁଝିପାରିବେନି। କରଜଦାତାଙ୍କ ଚାପ। ଗୃହ ସାଜସଜ୍ଜା। ଫଳପ୍ରଦ ଆଲୋଚନା। ବାଣିଜ୍ୟରେ ପ୍ରତିବନ୍ଧକ। ବୟସ୍କଙ୍କ ପ୍ରେରଣା ଓ ପରାମର୍ଶ। ଶ୍ରମଜନିତ କ୍ଳାନ୍ତିବୋଧ।

# ଜଳପରୀ ହୋଇ ଦିଅନ୍ତି ସଚେତନତାର ବାର୍ତ୍ତା

ଜଳପରୀ ବା ମତ୍ସ୍ୟକନ୍ୟା ବିଷୟରେ ଆମେ ଆଈ ମା' କାହାଣୀରେ ଶୁଣିଛେ। କିନ୍ତୁ ପ୍ରକୃତ ଜୀବନରେ ଜଣେ ମହିଳା ନିଜକୁ ଜଳପରୀ ସଜେଇ ନିତି ଲୋକଙ୍କୁ ମନୋରଞ୍ଜନ କରୁଥିବାର ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳୁଛି ଫ୍ଲୋରିଡାରେ। ୩୭ ବର୍ଷ ବୟସ୍କା ମେଲିସା ନାମ୍ନୀ ଏହି ମହିଳା ଜଳପରୀର ବେଶ ଧାରଣ କରି ଗଭୀର ସମୁଦ୍ର ମଧ୍ୟରେ ପହଁରିବାରେ ପାଆନ୍ତି ଆନନ୍ଦ। ଛୋଟ ବେଳୁ ମେଲିସାଙ୍କର ସମୁଦ୍ର ପ୍ରତି ଥିଲା ଏକ ଗଭୀର ଆକର୍ଷଣ। ସମୁଦ୍ର ତଥା ସମୁଦ୍ର ତଟରେ ହେଉଥିବା ପ୍ରଦୂଷଣକୁ ନେଇ ସେ ଥିଲେ ଚିନ୍ତିତ। ସେବେଠାରୁ ମନୁଷ୍ୟ ଏବଂ ସମୁଦ୍ର ମଧ୍ୟରେ ଥିବା ଦୂରତାକୁ ଦୂର କରିବା ଲାଗି ଏହି ଅଭିନବ ପ୍ରୟାସ ଆରମ୍ଭ କରିଥିଲେ। ବିଭିନ୍ନ ଚାରିଟେବୁଲ ଶୋ' ମାଧ୍ୟମରେ ସେ ଏହି ଜଳପରୀର ବେଶ ଧାରଣ କରି ଲୋକଙ୍କୁ ସଚେତନତାର ବାର୍ତ୍ତା ପଠାଉଛନ୍ତି। ଏହା ବ୍ୟତୀତ ସେ ନିଜର ଫେସବୁକ୍ ଏବଂ ୟୁଟ୍ୟୁବ୍ ଭିଡିଓ ମାଧ୍ୟମରେ ଏହି ମହତ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି।



# ପାଠକୀୟ

❖ଛୁଟିଦିନରେ ପ୍ରକାଶିତ ପ୍ରତି ସପ୍ତାହର ପ୍ରଚ୍ଛଦ ପ୍ରସଙ୍ଗ ପଢ଼ିବାକୁ ମୋତେ ଭାରି ଭଲ ଲାଗେ। ଏଥିରୁ ଅନେକ ଶିକ୍ଷଣୀୟ କଥା ଶିଖିବାକୁ ମିଳିଥାଏ। ସେହିପରି ସିନେମା ପୃଷ୍ଠାର ମୁଁ ଜଣେ ନିୟମିତ ପାଠକ। ଏଥିରୁ ସେଲିବ୍ରିଟିମାନଙ୍କର ଜୀବନଶୈଳୀ ତଥା ସେମାନଙ୍କ ରୁଚି ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳେ।

*– ରାକେଶ ସାମନ୍ତରାୟ, ବଳଗଣ୍ଡି ଛକ, ପୁରୀ*

❖ଛୁଟିଦିନର ମୁଁ ଜଣେ ବିଦଗ୍ଧ ପାଠକ। ଖାସ୍ କରି ଏଥିରେ ପ୍ରକାଶ ପାଉଥିବା ସାଥୀ ପ୍ରଶ୍ନର ଉତ୍ତରଗୁଡ଼ିକ ମୋ ମନ କିଣିନିଏ। ପ୍ରେମରେ ଅସଫଳ ହୋଇଥିବା କିମ୍ବା ନୂଆ ନୂଆ ପ୍ରେମ କରୁଥିବା ପ୍ରେମିକାପ୍ରେମିକଙ୍କୁ ଜୀବନରେ କେମିତି ଧୈର୍ଯ୍ୟ ଧରି ଆଗେଇବାକୁ ହେବ, ସେ ନେଇ ଅନେକ ଟିପ୍ସ ଏଥିରୁ ଜାଣିହୁଏ। ତା'ଛଡ଼ା ସୃଜନ ପୃଷ୍ଠାଟି ବି ବେଶ୍ ଆକର୍ଷଣୀୟ ଲାଗେ।

*– ଅନାଦି ସାହୁ, କୋଏଲ୍ ନଗର, ରାଉରକେଲା*

❖ନୂଆକରି ଆରମ୍ଭ ହୋଇଥିବା ଯାତ୍ରା ପୃଷ୍ଠାଟି ବେଶ୍ ଭଲ ଲାଗୁଛି। ଜଲିଉଡ୍ ଇଣ୍ଡଷ୍ଟ୍ରି ସମ୍ପର୍କରେ ଅନେକ ଅଜଣା କଥା ଏଥିରୁ ଜାଣିହେଉଛି। ସେହିପରି ବ୍ୟାକ୍‌ପେଜ୍ ତଥା ବିବିଧା ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ ଆଶ୍ଚର୍ଯ୍ୟଜନକ ପାଠଗୁଡ଼ିକ ବେଶ୍ ମଜା ଲାଗୁଛି ପଢିବାକୁ। ହାଃ ହାଃ ମଧ ଖୁବ୍ କୌତୁକିଆ ହୋଇପାରୁଛି।

*– ଭବାନୀ ଶଙ୍କର ପଣ୍ଡା, ଆଳି, କେନ୍ଦ୍ରାପଡ଼ା*

❖ମଡେଲ୍ ମିରରରେ ସ୍ଥାନ ପାଉଥିବା ଯୁବତୀମାନଙ୍କର ଫଟୋଗୁଡ଼ିକ ବେଶ୍ ଆକର୍ଷଣୀୟ ଲାଗୁଛି। ତା' ସହିତ ପ୍ରଚ୍ଛଦ ପ୍ରସଙ୍ଗ, ବ୍ୟକ୍ତିତ୍ୱ, ପ୍ରଥମ ରୋଜଗାର ପ୍ରଭୃତି ମୁଁ ନିୟମିତ ପଢ଼ିଥାଏ। ସହର ପୃଷ୍ଠାରୁ ମଧ ଅନେକ ନୂଆ ନୂଆ ସ୍ଥାନ ସମ୍ପର୍କରେ ଜାଣିବାକୁ ମିଳେ। ରାଶିଫଳ ଆମକୁ ସଚେତନ କରାଉଥିବାରୁ ଏହା ବି ମୋର ଖୁବ୍ ପ୍ରିୟ।

*– ରାହାସ ବିହାରୀ ମହାନ୍ତି, ବାଦାମବାଡ଼ି, କଟକ*

❖ଛୁଟିଦିନର ଲାଇଫ୍ ଷ୍ଟାଇଲ୍ ପୃଷ୍ଠାଟି ବେଶ୍ ଆକର୍ଷଣୀୟ ହୋଇଥାଏ। ଏଥିରୁ ଫ୍ୟାଶନ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଥାଏ। କାର୍ଟୁନ କର୍ନର ବି ଖୁବ୍ ହସାଏ। କହିବାକୁ ଗଲେ, ଛୁଟିଦିନର ପ୍ରତି ପୃଷ୍ଠା ମୋତେ ଖୁବ୍ ଭଲ ଲାଗେ।

*– ପିଙ୍କି ପ୍ରିୟଦର୍ଶିନୀ, ତାଳଚେର*

❖ଚଳଚ୍ଚିତ୍ର ତାରକାଙ୍କ ଲାଇଫ୍ ଷ୍ଟାଇଲ୍ ସମ୍ପର୍କରେ ଜାଣିବାର ଇଚ୍ଛା ମୋର ଖୁବ୍ ରହିଛି। ସେଥିପାଇଁ ପ୍ରତି ସପ୍ତାହର ଛୁଟିଦିନରେ ପ୍ରକାଶ ପାଉଥିବା ସିନେମା ପୃଷ୍ଠାକୁ ମୁଁ ଆଗେ ପଢ଼ିଥାଏ। ସେହିପରି ପ୍ରଥମ ରୋଜଗାର ଏକ ପ୍ରେରଣାଦାୟୀ ସ୍ତମ୍ଭ ହୋଇଥିବାରୁ ଏହା ମଧ ପଢ଼ିବାକୁ ମୁଁ ଭୁଲି ନ ଥାଏ।

*– ସ୍ମୃତିରେଖା ସାମଲ, ଝାରସୁଗୁଡ଼ା*

## ବିଶେଷ ଚିଠି

ଛୁଟିଦିନ ଆମ ଭାରି ବଢ଼ିଆ
ଯେତେ ପଢୁଥିଲେ ଲାଗଇ ନୂଆ।
ପ୍ରଚ୍ଛଦ ସୁଷମା କି ଶୋଭାବନ
ବ୍ୟକ୍ତିତ୍ୱରେ ଥାଏ ଭାରି ସମ୍ମାନ।
ଦେଶ ବିଦେଶର ଖବରମାନ
ବିବିଧା ପ୍ରତିଭା ଆଉ ସୃଜନ।
ଭ୍ରମଣ ବୃତ୍ତାନ୍ତ ଶବ୍ଦ ବିନ୍ୟାସ
ମଡେଲ୍ ସହିତ ଖିଲ୍‌ଖିଲ୍ ହସ।
ବିଜ୍ଞପାଦେ କରେ ଏଇ ମିନତି
ଛୁଟିଦିନ ସଦା ଆସ ମୋ କତି।

– ମହେଶ୍ୱର ନାୟକ,
ଦୋବନ୍ଧା, କେନ୍ଦ୍ରାପଡ଼ା

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795


ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପ୍ରେମ

**ପ୍ରେମ ଶାଶ୍ୱତ ଓ ପବିତ୍ର। ପ୍ରେମରେ ନ ଥାଏ ଜାତି, ଧର୍ମ, ବର୍ଣ୍ଣର ଭେଦଭାବ। ସେ କରେନି ରଙ୍ଗ ରୂପର ବିଚାର। ପ୍ରେମ କରିବାକୁ ଚେଷ୍ଟା କରାଯାଏନି, ହଉ ହଉ ହେଇଯାଏ। ହେଲେ ତାକୁ ଦୁନିଆ ଆଖିରେ ସ୍ୱୀକୃତି ଦେବାକୁ ଯାଇ ଅନେକଙ୍କୁ ସହିବାକୁ ହୋଇଥାଏ ଲାଞ୍ଛନା। ସେମିତି କେତେଜଣ ସୁଖୀ ଦମ୍ପତିଙ୍କ ସଂଘର୍ଷପୂର୍ଣ୍ଣ ପ୍ରେମକାହାଣୀକୁ ନେଇ ଏଥରର ଉପସ୍ଥାପନା...**

କୌଣସି ଏକ ପରିସ୍ଥିତିରେ ଦୁଇ ଅଜଣା ଯୁବତୀ ଯୁବକଙ୍କର ଦେଖାହେଲା। ଆଖି ସହ ଆଖି ମିଶିଲା। ପଦେ ଦୁଇ ପଦ କଥାବାର୍ତ୍ତାରେ ଆପଣାପଣ ଅନୁଭବ ହେଲା। ଧୀରେ ଧୀରେ ପରିଚୟ ସହ ଆନ୍ତରିକତା ବଢ଼ିଲା। ପ୍ରଥମେ ବନ୍ଧୁତା, ତା'ପରେ ପ୍ରେମର ରୂପ ନେଲା। ଏହି ପ୍ରେମ ସମ୍ପର୍କକୁ ଦୁନିଆ ଆଖିରେ ସ୍ୱୀକୃତି ଦେବାକୁ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଲେ। ହେଲେ ଜାତି, ଧର୍ମ, ବର୍ଣ୍ଣର ପ୍ରଭେଦ ସେମାନଙ୍କ ଗନ୍ତବ୍ୟ ପଥରେ ବାଧକ ସାଜିଲା। ବହୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା ସେ ଦୁହିଁଙ୍କୁ। ତଥାପି ସେମାନେ ଧୈର୍ଯ୍ୟହରା ହେଲେ ନାହିଁ। ସାହସର ସହ ସବୁ ପରିସ୍ଥିତିକୁ ସାମ୍ନା କରି ବାହା ହେଲେ ଆଉ ଖୁସିରେ ଘର ସଂସାର କଲେ। ଏବେ ଆଉ ସେ ସମୟ କି ସେ ପରିସ୍ଥିତି ନାହିଁ ସତ, କିନ୍ତୁ ସମୟ ଚକ୍ରରେ ସେମାନଙ୍କ ସଂସାର ରଥ ଅବିରତ ଭାବେ ଗଡ଼ିଚାଲିଛି ଆଗକୁ ଆଗକୁ। ତେଣୁ ଏଠାରେ ସେମିତି କେତେଜଣ ପ୍ରେମୀ ଯୁଗଳରୁ ଜୀବନସାଥୀ ସାଜିଥିବା ସଫଳ ଦମ୍ପତିଙ୍କ ପ୍ରେମ କାହାଣୀ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନେ ଦିନେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ...





ଦୁଇଝିଅଙ୍କ ସହ ରବୀନ୍ଦ୍ର ଓ ପଙ୍କଜିନୀ

**୧୮ ବର୍ଷ ପରେ ବାପଘରକୁ ଗଲେ:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଧାନଡିଆ ଗାଁର ଏକ ବ୍ରାହ୍ମଣ ପରିବାରର ଝିଅ ଥିଲେ ପଙ୍କଜ ମାଳିନୀ ଷଡ଼ଙ୍ଗୀ (ପଙ୍କଜିନୀ)। ୫ ଭାଇଭଉଣୀଙ୍କ ମଧ୍ୟରେ ସେ ଥିଲେ ବଡ଼। ବି.ଏସ୍‌ସି. ପରେ ସେ ଘରଠାରୁ ପ୍ରାୟ ୭ କିମି ଦୂର ମଦନପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ବ୍ରହ୍ମପୁର ୟୁନିଭର୍ସିଟିରେ ଡିଷ୍ଟାନ୍ସରେ ବି.ଇଡି. କରୁଥିଲେ। ଅସ୍ଥାୟୀ ଶିକ୍ଷୟିତ୍ରୀ ହୋଇଥିବାରୁ ଦରମା ମିଳୁ ନ ଥିଲା। ତେଣୁ ସେ ଟ୍ୟୁଶନ କରି ରୋଜଗାର କରୁଥିଲେ। ପ୍ରତିଦିନ ଯା'ଆସ ନ କରି ସ୍କୁଲ୍ ପାଖରେ ଏକ ଭଡ଼ାଘର ନେଇ ରହିଲେ, ସାଙ୍ଗରେ ତାଙ୍କ ଜେଜେମା' ବି ରହୁଥିଲେ। ୧୯୯୪ ମସିହା କଥା। ଦିନେ କେତେଜଣ ପିଲା ଆସି ପଙ୍କଜିନୀଙ୍କ ଘର ପାଖରେ ଆଉ ଏକ ଭଡ଼ାଘର ନେଇ ରହିଲେ। ସେମାନେ ମଦନପୁର ବାଳକ ଉଚ୍ଚ ବିଦ୍ୟାଳୟକୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ଆସିଥିଲେ। ତାଙ୍କ ଭିତରୁ ଜଣେ ଥିଲେ ରବୀନ୍ଦ୍ର କୁମାର ରାଉତ, ଯାହାଙ୍କର ଘର ଥିଲା କେନ୍ଦ୍ରାପଡ଼ା, ଆଳିର ମୂଳସାହି ଗାଁରେ। ଘରର ଆର୍ଥିକ ସ୍ଥିତି ସେତେ ଭଲ ନ ଥିଲା। ପାଠରେ ବି ରବୀନ୍ଦ୍ର ଥିଲେ ଖୁବ୍ ଦୁର୍ବଳ। ତେଣୁ ୧୯୮୯ ମାଟ୍ରିକ୍ ପରୀକ୍ଷାରେ ଫେଲ୍ ହୋଇ ସେ ଭୁବନେଶ୍ୱର ଚାଲି ଆସିଲେ କାମ ଅନ୍ୱେଷଣରେ। ଜଣଙ୍କ ଘରେ ରହି ବୋଲହାକ କଲେ, କିନ୍ତୁ ମାଲିକ ରବୀନ୍ଦ୍ରଙ୍କୁ ପଇସା ନ ଦେଇ କେବଳ ଖାଇବାକୁ ଦେଉଥିଲେ। ବର୍ଷେ ସେଠାରେ ରହିବା ପରେ ରବୀନ୍ଦ୍ର ଦିଲ୍ଲୀ ଯାଇ ଦିନ ମଜୁରିଆ ଭାବେ ପାଣି ପାଇପ୍ କାମ କଲେ। ମଜୁରି ଦିନକୁ ୨୫ ଟଙ୍କା। ମଝିରେ ମଝିରେ ଘରକୁ ବି ପଇସା ପଠାଉଥିଲେ। କିଛିଦିନ ପରେ ରବୀନ୍ଦ୍ରଙ୍କ ବଡ଼ଭାଇ ତାଙ୍କୁ ଚିଠି ଲେଖିଲେ, ''୧୯୯୪ ପରେ ମାଟ୍ରିକ୍ କୋର୍ସ ବଦଳିଯିବ। ଏଇଟା ଶେଷ ସୁଯୋଗ। ମୁଁ ଫର୍ମ ଫିଲପ୍ କରିଦେଇଛି। ତୁ ଆସି ପରୀକ୍ଷା ଦେଇଦେ''। ସେଥିପାଇଁ ରବୀନ୍ଦ୍ର ଆସିଥିଲେ ପରୀକ୍ଷା ଦେବାକୁ। କିନ୍ତୁ ପାଠ ତ ପଢ଼ି ନ ଥିଲେ, ତେଣୁ ସବୁଦିନ ପରୀକ୍ଷା ହଲ୍‌କୁ କପି ନେଇ ଯାଉଥିଲେ। ଶେଷ ପରୀକ୍ଷା ଦିନ ସ୍କ୍ୱାଡ୍ ହାତରେ ଧରାପଡ଼ିଲେ। ସ୍କ୍ୱାଡ୍ ତାଙ୍କ ଆଡ୍‌ମିଟ୍ କାର୍ଡ ନେଇଗଲେ। ମନଦୁଃଖରେ ଭଡ଼ାଘରକୁ ଫେରିଲେ ରବୀନ୍ଦ୍ର। ତାଙ୍କୁ ତାଙ୍କ ସାଙ୍ଗମାନେ କହିଲେ, 'ଏଇ ପାଖରେ ଜଣେ ସ୍କୁଲ୍ ଦିଦି ଅଛନ୍ତି, ତାଙ୍କୁ କହିଲେ ସେ ହୁଏତ କିଛି ସାହାଯ୍ୟ କରିପାରିବେ'। ସେହିଦିନ ହିଁ ପ୍ରଥମ ଥର ପାଇଁ ରବୀନ୍ଦ୍ର ଓ ପଙ୍କଜିନୀ ପରସ୍ପର କଥା ହୋଇଥିଲେ। ପରୀକ୍ଷା ସରିବା ପରେ ରବୀନ୍ଦ୍ରଙ୍କର ଦିଲ୍ଲୀ ଫେରିଯିବାର ଥିଲା। ତେଣୁ ସେ ପଙ୍କଜିନୀଙ୍କୁ ନିଜର ଫୋନ୍ ନମ୍ବର ଦେଇଥିଲେ ଆଇ କାର୍ଡ ବିଷୟରେ କିଛି ସୂଚନା ମିଳିଲେ, ତାଙ୍କୁ ଟିକେ ଜଣାଇବା ପାଇଁ। ହେଲେ ପଙ୍କଜିନୀ ଫୋନ୍ କଲେନି। ରେଜଲ୍ଟ ବାହାରିଲା ପରେ ଜଣାଗଲା, ରବୀନ୍ଦ୍ରଙ୍କର ଏମ୍‌ପି (ମାଲ୍ ପ୍ରାକ୍ଟିସ୍) ହୋଇଛି। କିଛିଦିନ ପରେ ସେ ଗାଁକୁ ଫେରିଲେ। ଯୋଗକୁ ପଙ୍କଜିନୀଙ୍କ ସହ ତାଙ୍କର ଦେଖା ହୋଇଗଲା। କଥା ପଦୁପଦୁ ପଙ୍କଜିନୀ କହିଲେ, 'ତୁ ତ ପାଠ ନ ପଢ଼ି କପି କଲୁ, ଫେଲ୍ ହେବୁନି ତ ଆଉ କ'ଣ ହେବୁ। ମୁଁ ଏଥିରେ ତତେ କ'ଣ ସାହାଯ୍ୟ କରିଥାଆନ୍ତି।' ବାସ୍ ସେତିକିରେ ସେ କଥାବାର୍ତ୍ତାରେ

→




ପୂର୍ଣ୍ଣଚ୍ଛେଦ ପଡିଲା। କିନ୍ତୁ ରବୀନ୍ଦ୍ରଙ୍କର ମେଳାପୀ ସ୍ୱଭାବ ଯୋଗୁ କ୍ରମେ ସେମାନଙ୍କ ଭିତରେ ବନ୍ଧୁତା ସୃଷ୍ଟି ହେଲା। ପଙ୍କଜିନୀଙ୍କଠାରୁ ରବୀନ୍ଦ୍ର ଥିଲେ ୨ ବର୍ଷ ବଡ଼। ସେ ପଙ୍କଜିନୀଙ୍କୁ 'ତମେ' ବୋଲି ସମ୍ବୋଧନ କରୁଥିବାବେଳେ ପଙ୍କଜିନୀ କିନ୍ତୁ ତାଙ୍କୁ 'ତୁ' ବୋଲି କହୁଥିଲେ। ରବୀନ୍ଦ୍ର ଯେବେ ବି ଦିଲ୍ଲୀରୁ ଫେରୁଥିଲେ, ପଙ୍କଜିନୀଙ୍କ ସହ ଦେଖା କରି ଭଲମନ୍ଦ କଥା ବୁଝି ଦେଇ ଯାଉଥିଲେ। କ୍ରମେ ଉଭୟଙ୍କ ଘରଲୋକେ ସେମାନଙ୍କ ବନ୍ଧୁତା କଥା ଜାଣିଲେ। ଏହି ସମୟରେ ପଙ୍କଜିନୀଙ୍କର ଜଣେ ଟ୍ୟୁଶନ ସାର୍ ତାଙ୍କୁ ବିବାହ କରିବାକୁ ଜୋର୍ କରୁଥିଲେ। କିନ୍ତୁ ପଙ୍କଜିନୀ ତାଙ୍କୁ ପସନ୍ଦ କରୁ ନ ଥିଲେ। ଏପଟେ ପଙ୍କଜିନୀଙ୍କ ଜଣେ ସମ୍ପର୍କୀୟ ମଉସା ବ୍ରହ୍ମପୁରରେ ଗୋଟେ ପ୍ରସ୍ତାବ ଦେଖିଥିଲେ। ତେଣୁ ସେହି କଥା ପକ୍କା କରିବା ପାଇଁ ପଙ୍କଜିନୀଙ୍କ ବାପା ପଙ୍କଜିନୀଙ୍କ ସହ ରବୀନ୍ଦ୍ରଙ୍କୁ ବ୍ରହ୍ମପୁରକୁ ପଠାଇଥିଲେ। ହେଲେ ସେମାନେ ପହଞ୍ଚିଲା ପରେ ଜାଣିଲେ, ସେ ପିଲା କୌଣସି କାମରେ ବାହାରକୁ ଚାଲିଯାଇଛି। ନିରାଶ ହୋଇ ଫେରିଲେ। ବାଟରେ ଆସିଲାବେଳେ ପଙ୍କଜିନୀ ଖୁବ୍ କାନ୍ଦିଥିଲେ, କିନ୍ତୁ ରବୀନ୍ଦ୍ର ତାଙ୍କୁ ସାହସ ଦେଇ କହିଥିଲେ, ଏଠି ନ ହେଲେ ଆଉ କେଉଁଠି ବାହାଘର ପ୍ରସ୍ତାବ ଦେଖିବା। ହେଲେ ପଙ୍କଜିନୀଙ୍କର ଡର ଥିଲା, ଏହାପରେ ହୁଏତ ସେ ଟ୍ୟୁଶନ ସାର୍ ତାଙ୍କ ଉପରେ ଆହୁରି କିଛି ଚାପ ପକାଇବେ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ସେ ରବୀନ୍ଦ୍ରଙ୍କୁ କୋର୍ଟ ମ୍ୟାରେଜ୍ ପାଇଁ ପ୍ରସ୍ତାବ ଦେଲେ। ରବୀନ୍ଦ୍ର ଚମକି ପଡ଼ିଲେ ତାଙ୍କ କଥା ଶୁଣି। ପଙ୍କଜିନୀ କହିଲେ, 'କୋର୍ଟ ମ୍ୟାରେଜ କରିଦେଲେ ସେ ସାର୍ ଆଉ ମୋ' ଉପରେ ଚାପ ପକାଇ ପାରିବେନି ବାହାହେବା ପାଇଁ। ଏପଟେ ଆମକୁ କିଛି ସମୟ ବି ମିଳିଯିବ ଭଲ ପ୍ରସ୍ତାବ ଦେଖିବା ପାଇଁ। ଯେବେ ମନଲାଖି ପ୍ରସ୍ତାବ ମିଳିଯିବ କୋର୍ଟ ଯାଇ ଆମେ ଡିଭୋର୍ସ ପେପରରେ ସାଇନ୍ କରିଦେବା। ସେତେଦିନ ଯାଏଁ ଏକଥା ଲୁଚେଇକି ରଖିବା'। ବନ୍ଧୁତା କରିଛନ୍ତି ଯେତେବେଳେ ବନ୍ଧୁର ବିପଦ ସମୟରେ ତାକୁ ସାହାଯ୍ୟ କରିବାକୁ ତ ହେବ। ସେଥିପାଇଁ ରବୀନ୍ଦ୍ର ରାଜି ହେଲେ ଆଉ ୧୮ ଅକ୍ଟୋବର ୧୯୯୭ରେ ସେମାନେ କୋର୍ଟ ମ୍ୟାରେଜ୍ କଲେ। କିନ୍ତୁ ଏହା ସେମାନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ପଙ୍କଜିନୀ ଭାବିଲେ, 'ଯେଉଁ ପିଲା ବିନା କୌଣସି ସ୍ୱାର୍ଥରେ ମୋ ପାଇଁ କୋର୍ଟ ମ୍ୟାରେଜ୍ କଲା, ପୁଣି ଆବଶ୍ୟକ ପଡ଼ିଲେ ତାକୁ ଭାଙ୍ଗିବାକୁ ବି ପ୍ରସ୍ତୁତ ଅଛି, ସେ ପିଲାର ହୃଦୟ କେତେ ମହାନ୍! ରବୀନ୍ଦ୍ରଙ୍କ ପାଖେ ଡିଗ୍ରୀ କିମ୍ବା ପଇସା ନ ଥାଇପାରେ, କିନ୍ତୁ ତାଙ୍କର ସରଳ ମନ ଅଛି, ଯିଏକି ମୋ ଭଲମନ୍ଦ କଥା ସବୁବେଳେ ଚିନ୍ତା କରୁଛି। ତେଣୁ ଆଉ କାହିଁକି କାହା କଥା ଚିନ୍ତା କରିବି, ଏବେ ସେ ହିଁ ମୋ ସ୍ୱାମୀ'। ଏହାପରେ ପଙ୍କଜିନୀ ରବୀନ୍ଦ୍ରଙ୍କୁ ନେଇ ପୁରୀ ଜଗନ୍ନାଥ ମନ୍ଦିର ଗଲେ। ଲକ୍ଷ୍ମୀ ମନ୍ଦିରରୁ ଶଙ୍ଖା, ସିନ୍ଦୂର କିଣି ରବୀନ୍ଦ୍ରଙ୍କୁ ପିନ୍ଧାଇ ଦେବାକୁ କହିଲେ। ରବୀନ୍ଦ୍ର ପ୍ରଥମେ ରାଜି ହେଉ ନ ଥିଲେ। କାରଣ ପଙ୍କଜିନୀ ବ୍ରାହ୍ମଣ କୁଳର ହୋଇଥିବା ବେଳେ ସେ ଥିଲେ ଅନ୍ୟ ଜାତିର। ତା'ଛଡ଼ା ତାଙ୍କ ଭିତରେ କଥା ଅଲଗା ଛିଡ଼ିଥିଲା। ସେଥିରେ ଶଙ୍ଖା, ସିନ୍ଦୂର କଥା ଉଠି ନଥିଲା। ହେଲେ ପଙ୍କଜିନୀ ରବୀନ୍ଦ୍ରଙ୍କୁ ସବୁକଥା ବୁଝାଇ ସ୍ତ୍ରୀ ରୂପେ ତାଙ୍କୁ ଗ୍ରହଣ କରିବାକୁ ଅନୁରୋଧ କଲେ। ସେବେଠାରୁ ସେମାନେ ଭଗବାନ୍‌ଙ୍କୁ ସାକ୍ଷୀ ରଖି ସ୍ୱାମୀ-ସ୍ତ୍ରୀ ହେଲେ। କିନ୍ତୁ ଉପଯୁକ୍ତ ସମୟ ନ ଆସିଲେ କାହାକୁ ଜଣାଇବେ ନାହିଁ ବୋଲି ନିଷ୍ପତ୍ତି ବି ନେଲେ। ଏହାପରେ ରବୀନ୍ଦ୍ର ଦିଲ୍ଲୀ ଚାଲିଗଲେ। ହେଲେ ପଙ୍କଜିନୀ କଥାଟିକୁ ବେଶୀ ଦିନ ଲୁଚାଇ ନ ପାରି ଜଣେ ସହକର୍ମୀଙ୍କୁ କହିଦେଲେ। ତା'ପରେ କଥାଟି ରାଷ୍ଟ୍ର ହୋଇଗଲା। ପଙ୍କଜିନୀଙ୍କ ଘରଲୋକଙ୍କ କାନକୁ କଥା ଗଲା। ରବୀନ୍ଦ୍ର ଏକଥା ଜାଣିବା ପରେ ଦିଲ୍ଲୀରୁ ଫେରି ଆସିଲେ। ସେ ଯେଉଁଦିନ ଆସି ପହଞ୍ଚିଲେ, ସେଦିନ ପଙ୍କଜିନୀଙ୍କ ଗାଁରୁ ତାଙ୍କ ବାପା, ଦାଦାଙ୍କ ସମେତ ପ୍ରାୟ ଶହେ ଦୁଇ ଶହ ଲୋକ ଆସି ପଙ୍କଜିନୀଙ୍କ ଭଡ଼ାଘର ଆଗେ ଜମା ହୋଇଗଲେ। ପରିସ୍ଥିତି ଖୁବ୍ ଜଟିଳ ହେଲା। ସେମାନଙ୍କୁ ମ୍ୟାରେଜ୍ ସାର୍ଟିଫିକେଟ୍ ଦେଖାଇବାକୁ ପଡ଼ିଲା। ଅନ୍ୟ ଜାତିରେ ବାହା ହୋଇଥିବାରୁ ପଙ୍କଜିନୀଙ୍କୁ ସମସ୍ତେ ଛି ଛାକର କଲେ। ତାଙ୍କ ବାପା ବି ଝିଅ ସହ ସବୁ ସମ୍ପର୍କ କାଟିଦେଇ ସେଠାରୁ ଚାଲିଗଲେ। ଆଉ କିଛି ଉପାୟ ନ ପାଇ ପଙ୍କଜିନୀଙ୍କୁ ନେଇ ରବୀନ୍ଦ୍ର ତାଙ୍କ ଘର ଆଳିକୁ ଗଲେ। ସେପଟେ ରବୀନ୍ଦ୍ରଙ୍କ ବଡ଼ଭାଇଙ୍କର ବାହାଘର ହୋଇ ନ ଥିବାରୁ ସେମାନେ ବି ଏ ବିବାହକୁ ସ୍ୱୀକୃତି ଦେଲେନାହିଁ।



ବାଧ ହୋଇ ରବୀନ୍ଦ୍ର ପଙ୍କଜିନୀଙ୍କୁ ପୁଣି ଆଣି ସ୍କୁଲ୍ ପାଖ ଭଡ଼ାଘରେ ଛାଡ଼ି ଦିଲ୍ଲୀ ଚାଲିଗଲେ। ଘରସଂସାର କରିବାକୁ ସେମାନଙ୍କ ପାଖେ ପଇସା ନଥିଲା। ରବୀନ୍ଦ୍ର ପାଣି ପାଇପ୍ କାମ ଛାଡ଼ି ଏକ ହୋଟେଲ୍‌ରେ ପମ୍ପ୍ ଅପରେଟର୍ ଭାବେ କାମ କଲେ ଆଉ ଏପଟେ ପଙ୍କଜିନୀ ଟ୍ୟୁଶନ୍ କରି ଚଳୁଥିଲେ। ପୂର୍ବପରି ରବୀନ୍ଦ୍ର ନିଜ ଘରକୁ ପଇସା ପଠାଉଥିଲେ। କିଛିଦିନ ପରେ ରବୀନ୍ଦ୍ରଙ୍କ ବଡ଼ଭାଇଙ୍କ ବାହାଘର ଠିକ୍ ହେଲା। ସେମାନଙ୍କୁ ବି ଡକା ହେଲା। ଦୁଇଟି ବେଦି ବନ୍ଧାହେଲା। ରବୀନ୍ଦ୍ରଙ୍କ ଗୋତ୍ରରେ ପଶିବା ପାଇଁ ବଡ଼ଭାଇଙ୍କର ବାହାଘର ଦିନ ସେମାନଙ୍କର ମଧ୍ୟ ବେଦି ଉପରେ ବିବାହ କର୍ମ କରାଗଲା। ବାସ୍ ତା'ପରଠୁ ସେମାନେ ସ୍ୱାମୀ-ସ୍ତ୍ରୀ ଭାବେ ସଂସାର କଲେ। ରବୀନ୍ଦ୍ର ଦିଲ୍ଲୀରେ ରହୁଥିବାବେଳେ ପଙ୍କଜିନୀ କିନ୍ତୁ ରହୁଥିଲେ ତାଙ୍କ ସ୍କୁଲ ପାଖ ଭଡ଼ାଘରେ। ସ୍କୁଲ୍ ଛୁଟିହେଲେ ସେ ଦିଲ୍ଲୀ ଯାଉଥିଲେ ବୁଲିବାକୁ। ତା'ରି ଭିତରେ ସେମାନଙ୍କର ଗୋଟିଏ ଝିଅ ଏବଂ ପାଞ୍ଚ ବର୍ଷ ପରେ ଆଉ ଗୋଟିଏ ଝିଅ ହେଲା। ପଙ୍କଜିନୀଙ୍କୁ ଏକାକୀ ପିଲାଙ୍କୁ ସମ୍ଭାଳିବାରେ ଅସୁବିଧା ହେବାରୁ ରବୀନ୍ଦ୍ର ଖୁବ୍ ଛୋଟବେଳୁ ସେମାନଙ୍କୁ ନେଇ ନିଜ ପାଖରେ ରଖିଲେ। ସେବେଠାରୁ ପିଲାମାନେ ରବୀନ୍ଦ୍ରଙ୍କ ପାଖେ ରହି ଆସୁଛନ୍ତି। ବାପା ନୁହେଁ ଜଣେ ମା' ପରି ସେ ପିଲାମାନଙ୍କର ସବୁ କଥା ବୁଝୁଛନ୍ତି। ଏବେ ସେମାନଙ୍କ ବଡ଼ ଝିଅ ରୋଶ୍‌ନୀ ଯୁକ୍ତ ଦୁଇ ପାସ୍ କରି ମେଡିକାଲ୍ ପାଇଁ ପ୍ରସ୍ତୁତ ହେଉଥିବାବେଳେ ସାନଝିଅ ମେହେକ୍ ନବମରେ ପଢୁଛି। ଏପଟେ ପଙ୍କଜିନୀଙ୍କର ଚାକିରି ବି ସ୍ଥାୟୀ ହୋଇ ଦରମା ଠିକ୍‌ଠାକ୍ ମିଳିଲାଣି। ଏଣୁ ସେମାନେ ଫରିଦାବାଦରେ ଜାଗା କିଣି ଘର କରିବା ସହ ଓଡ଼ିଶାରେ ବି ଜାଗା କିଣି ସାରିଲେଣି। ତେବେ ପଙ୍କଜିନୀ କେବଳ ନିଜ ସଂସାର କଥା ଚିନ୍ତା କରୁ ନ ଥିଲେ, ବାପାଙ୍କ ଅଗୋଚରରେ ସାନ ଦୁଇ ଭାଇଙ୍କୁ ଗାଁରୁ ଆଣି ସ୍ୱାମୀଙ୍କ ପାଖେ ରଖି ସେମାନଙ୍କୁ ରୋଜଗାରକ୍ଷମ କରାଇ ଦେଇଥିଲେ। ଭଉଣୀମାନଙ୍କ ବାହାଘର ପାଇଁ ପରୋକ୍ଷରେ ଅନେକ ସାହାଯ୍ୟ ବି କରିଥିଲେ। କିନ୍ତୁ ଘରକୁ ଯିବାକୁ ତାଙ୍କୁ ଅନୁମତି ନ ଥିଲା। ମା'ବାପାଙ୍କଠାରୁ ପ୍ରାୟ ୧୮ ବର୍ଷ ଦୂରେଇ ରହିବା ପରେ ଥରେ ତାଙ୍କ ଗାଁର କେତେଜଣ ତାଙ୍କୁ ଦେଖା କରି ଗାଁ ମନ୍ଦିର ତିଆରି ପାଇଁ କିଛି ସାହାଯ୍ୟ ମାଗିଥିଲେ। ପଙ୍କଜିନୀ ତାଙ୍କୁ କହିଥିଲେ, 'ମୁଁ ସାହାଯ୍ୟ କରିବି ସତ, କିନ୍ତୁ ମୋତେ ଆମ ଘରକୁ ନେବାର ବନ୍ଦୋବସ୍ତ ତୁମେମାନେ କର'। ସେମାନେ ପଙ୍କଜିନୀଙ୍କ ବାପାଙ୍କୁ ବୁଝାଇ ତାଙ୍କୁ ଘରକୁ ନେଇଥିଲେ। ହେଲେ ଦୁର୍ଭାଗ୍ୟ, ପଙ୍କଜିନୀଙ୍କ ଘରକୁ ଯିବା ହୁଏତ ତାଙ୍କ ଭାଇମାନଙ୍କର ପସନ୍ଦ ନ ଥିଲା। ଯେଉଁଥିପାଇଁ ପୁଣି ଅଶାନ୍ତି ସୃଷ୍ଟି ହେଲା। ଦିନେ ଯେଉଁ ଭାଇମାନଙ୍କୁ ମଣିଷ କରିବା ପାଇଁ ପଙ୍କଜିନୀ ଆଗେଇ ଆସିଥିଲେ, ଆଜି ସେମାନେ ଯେ ଏମିତି ବଦଳିଯିବେ, ସେକଥା ସେ ଚିନ୍ତା କରି ନ ଥିଲେ। ତଥାପି ସେ ମା'ବାପାଙ୍କ ପ୍ରତି ଝିଅର କର୍ତ୍ତବ୍ୟ ସୂଚାରୁରୂପେ କରି ଚାଲିଛନ୍ତି ଆଉ ଭାଇମାନଙ୍କର ମଙ୍ଗଳକାମନା କରୁଛନ୍ତି। ଏ ନେଇ ଉଭୟ ପଙ୍କଜିନୀ ଓ ରବୀନ୍ଦ୍ର କୁହନ୍ତି, 'ଭାଗ୍ୟ ଆମକୁ ଏକାଠି କରିଛି। ଆମେ କେବେ କାହାର ଅନିଷ୍ଟ ଚିନ୍ତା କରିନୁ, କେବଳ କର୍ତ୍ତବ୍ୟ କରି ଚାଲିଛୁ।

ଝିଅଙ୍କ ସହ ସଫିକ୍ ଓ ଗୌରୀ







ଝିଅ ପୁଅଙ୍କ ସହ ଚିନ୍ମୟ ଓ ଅସୀମା

ବାକି ସବୁ କିଛି ଭଗବାନ୍‌ଙ୍କ ଉପରେ ଛାଡ଼ିଦେଇଛୁ'।

**ପ୍ରଭୁଙ୍କ ଆଶୀର୍ବାଦରୁ ଏକାଠି ହେଲେ:** ଶେଖ୍ ଅବଦୁଲ୍ ସଫିକ୍ ହେଉଛନ୍ତି ଭୁବନେଶ୍ୱରସ୍ଥ ଏକ କୋଚିଂ ସେଣ୍ଟରର ମାଲିକ। ଆଉ ତାଙ୍କ ସହଧର୍ମିଣୀ ହେଲେ ଗୌରୀ ଗୌଡ଼, ଯିଏକି ଜଣେ ସୁଗୃହିଣୀ। ଦୁହିଁଙ୍କର ସମ୍ପ୍ରଦାୟ ଭିନ୍ନ। ଜଣେ ମୁସଲ୍‌ମାନ ସମ୍ପ୍ରଦାୟର ହୋଇଥିବା ବେଳେ ଆଉ ଜଣେ ହିନ୍ଦୁ। ସେମାନଙ୍କ ଭିତରେ ଥିବା ଭଲ ପାଇବା ହିଁ ଆଜି ସେମାନଙ୍କୁ ଏକ ସୁଖୀ ଦାମ୍ପତ୍ୟ ଜିଇବାର ସୌଭାଗ୍ୟ ଆଣି ଦେଇଛି। ଦିନ ଥିଲା, ସେମାନେ ପରସ୍ପର ଅପରିଚିତ ଥିଲେ। ସଫିକ୍ ଭୁବନେଶ୍ୱରର ନିକୋ ପାର୍କ ନିକଟରେ ସପରିବାର ରହୁଥିବାବେଳେ ଗୌରୀ ପୁରୁଣା ଏଜି କଲୋନୀରେ ରହୁଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ ଉଭୟଙ୍କ ଘର ମଧ୍ୟରେ ଦୂରତା ପାଖାପାଖି ୧ରୁ ୨ କି.ମି ଭିତରେ ଥିଲା। ମର୍ନିଂ ୱାକ୍ କରିବା ଥିଲା ଉଭୟଙ୍କର ଅଭ୍ୟାସ। ତେଣୁ ଦୈନିକ ମର୍ନିଂ ୱାକ୍ କଲାବେଳେ କେବେ କେମିତି ସେମାନଙ୍କ ମଧ୍ୟରେ ଦେଖାଚାହାଁ ହେଉଥିଲା। ଶାନ୍ତ, ଭଦ୍ର ତଥା ଟିକେ ଲାଜକୁଳା ସ୍ୱଭାବର ସଫିକ୍‌ଙ୍କ ବ୍ୟକ୍ତିତ୍ୱ ଗୌରୀଙ୍କୁ ଖୁବ୍ ପସନ୍ଦ ଆସୁଥିଲା। ତାଙ୍କ ସହିତ ଟିକେ କଥା ହେବା ପାଇଁ ଇଚ୍ଛା ହେଉଥିଲେ ହେଁ ଝିଅ ହୋଇ ଆଗେ କେମିତି କଥା ହେବେ, ଏଇ କଥା ଭାବି ଗୌରୀ ଟିକେ ଶଙ୍କି ଯାଉଥିଲେ। ହେଲେ କେତେଦିନ ବା ମନକୁ ବୁଝାଇପାରନ୍ତେ! ଦିନେ ସାହସ କରି ଗୌରୀ ପ୍ରଥମେ ସଫିକ୍‌ଙ୍କ ସହ କଥା ହେଲେ। ଗୌରୀଙ୍କର ହସଖୁସିଆ ମିଜାଜ୍ ସଫିକ୍‌ଙ୍କୁ ବି ପସନ୍ଦ ଆସିଲା। କ୍ରମେ ସେମାନଙ୍କ ଭିତରେ ବନ୍ଧୁତା ହେଲା। ଆଉ ଏଇ ବନ୍ଧୁତା ଧୀରେ ଧୀରେ ପ୍ରେମର ରୂପ ନେଲା। ବିବାହ କରିବାକୁ ସେମାନେ ନିଷ୍ପତ୍ତି ନେଲେ। ହେଲେ ସେମାନଙ୍କ ଭିତରେ ଥିବା ଧର୍ମଗତ ପାର୍ଥକ୍ୟ ପାଚେରି ସଦୃଶ ଛିଡ଼ା ହେଲା। ହିନ୍ଦୁ ହୋଇ କେମିତି ଜଣେ ମୁସଲ୍‌ମାନ ଯୁବକକୁ ବିବାହ କରିବ, ସେ ନେଇ ଗୌରୀଙ୍କ ପରିବାର ଲୋକେ ବିରୋଧ କଲେ। ହେଲେ ଗୌରୀଙ୍କର ଗୋଟିଏ ଜିଦ୍, ସେ ଯାହାଙ୍କୁ ମନ ଦେଇଛନ୍ତି, ତାଙ୍କୁ ହିଁ ବିବାହ କରିବେ। ଏପଟେ କିନ୍ତୁ ସଫିକ୍‌ଙ୍କ ପରିବାର ଲୋକେ ଏ ବିବାହ ପାଇଁ ରାଜି ଥିଲେ। କାରଣ ସଫିକ୍‌ଙ୍କ ମା'ବାପାଙ୍କର ଚିନ୍ତାଧାରା ଥିଲା ଟିକେ ଭିନ୍ନ। ପିଲାମାନଙ୍କର ଖୁସିରେ ସେମାନଙ୍କର ଖୁସି। କିନ୍ତୁ ଗୌରୀଙ୍କ ଘରଲୋକେ ରାଜି ନ ଥିବାରୁ ବିବାହ କେମିତି ହେବ, ସେ ନେଇ ଚିନ୍ତା ବଢିଲା। ଶେଷରେ ସଫିକ୍ ଓ ଗୌରୀ ନିଷ୍ପତ୍ତି ନେଲେ କୋର୍ଟ ମ୍ୟାରେଜ୍ କରିବେ। ଏଥିରେ ସଫିକ୍‌ଙ୍କ ପରିବାର ଲୋକେ ବି ରାଜି ହେଲେ। କାରଣ ସଫିକ୍ ଓ ଗୌରୀ ଥିଲେ ସାବାଳକ ଓ ସାବାଳିକା। ତା' ସହିତ କୋର୍ଟ ମ୍ୟାରେଜ୍ କଲେ ପଛରେ ଆଇନତଃ କୌଣସି ସମସ୍ୟା ଉପୁଜିବାର ନ ଥିଲା। ତେଣୁ ୨୦୦୭ରେ ସଫିକ୍ ଓ ଗୌରୀ କୋର୍ଟ ମ୍ୟାରେଜ୍ କରି ଗୌରୀ ସଫିକ୍‌ଙ୍କ ଘରକୁ ଆସିଲେ। ଏହାପରେ ମୁସଲ୍‌ମାନ ସମ୍ପ୍ରଦାୟରେ ଯେମିତି ବିଧି ଅନୁସାରେ ବିବାହ ହୁଏ, ସେମିତି ସଫିକ୍ ଓ ଗୌରୀଙ୍କର ପୁଣିଥରେ ବାହାଘରର ଆୟୋଜନ କରାଗଲା। ନବଦମ୍ପତିଙ୍କୁ ଆଶୀର୍ବାଦ କରିବା ପାଇଁ ଗୌରୀଙ୍କ ମା'ବାପାଙ୍କୁ ସଫିକ୍‌ଙ୍କ ପରିବାର ଲୋକେ ଆମନ୍ତ୍ରଣ କଲେ। ହେଲେ ସେମାନେ ଆସିଲେ ନାହିଁ। ଏପଟେ ମନର ମଣିଷକୁ ସ୍ୱାମୀ ଭାବେ ପାଇ ବି ଗୌରୀ ଖୁସି ନ ଥିଲେ। ମା'ବାପାଙ୍କ ଅଭିମାନଭରା ମୁହଁ ତାଙ୍କ ଆଖିରେ ନାଚି ଯାଉଥିଲା। ସେ ପ୍ରଭୁଙ୍କ ପାଖେ ପ୍ରାର୍ଥନା କରୁଥିଲେ, କେମିତି ତାଙ୍କ ମା'ବାପା ସବୁକିଛି ଭୁଲି ତାଙ୍କୁ ପୁଣି ଆପଣେଇ ନେବେ। ପ୍ରଭୁ ତାଙ୍କ କଥା ଶୁଣିଲେ, ବାହାଘରର ମାତ୍ର ଦିନ କେଇଟା ପରେ ହଠାତ୍ ଗୌରୀଙ୍କ ମା'ବାପା ଝିଅ ଓ ଜ୍ୱାଇଁଙ୍କ ପାଇଁ ନୂଆ ଲୁଗା ଓ ମିଠା ଧରି ଗୌରୀଙ୍କ ଶାଶୁ ଘରକୁ ଆସିଲେ। ଆଉ ଝିଅଜ୍ୱାଇଁଙ୍କୁ ଶୁଭାଶୀର୍ବାଦ ଦେଲେ। ସେବେଠାରୁ ସବୁକିଛି ଠିକ୍‌ଠାକ୍ ଚାଲିଛି। ୟା'ଭିତରେ ସଫିକ୍ ଓ ଗୌରୀଙ୍କର ଝିଅ ଶଗୁପ୍ତା ଷ୍ଟାଣ୍ଡାର୍ଡ-୫ରେ ପଢ଼ିଲାଣି। ଏ ନେଇ ସଫିକ୍ ଓ ଗୌରୀ କୁହନ୍ତି, 'ପ୍ରଭୁଙ୍କ ଆଶୀର୍ବାଦ ହିଁ ଆମ ଦୁହିଁଙ୍କୁ ଏକାଠି କରିଛି ଆଉ ଆମ ସଂସାର ଖୁସିରେ ଚାଲିଛି। ତା'ସହିତ ମା'ବାପାଙ୍କର ସ୍ନେହାଶୀର୍ବାଦ ଆମ ସହିତ ଥିବାରୁ ସବୁ ବାଧାବିଘ୍ନକୁ ସାମ୍ନା କରିବାକୁ ଆମକୁ ସାହସ ମିଳୁଛି'।


**ଭଲପାଇବା ଧୈର୍ଯ୍ୟଶକ୍ତି ଶିଖାଇଲା:** କେଜି-୧ ପଢ଼ାବେଳୁ ପରିଚୟ ଥିଲା ବିଜୟ ସାହୁ ଓ ସରିତା ଗୁପ୍ତାଙ୍କର। ଯାଜପୁର ରୋଡ୍‌ରେ ବିଜୟଙ୍କର ପ୍ରକୃତ ଘର ହୋଇଥିବାବେଳେ ସରିତାଙ୍କର ନିଜ ଗାଁ ଥିଲା ଆଗ୍ରାରେ। ହେଲେ ତାଙ୍କ ମା'ବାପା ଆସି ଯାଜପୁର ରୋଡ୍‌ରେ ଜାଗା କିଣି ଘର କରି ରହୁଥିଲେ। ଉଭୟଙ୍କ ଘର ମଧ୍ୟରେ ଦୂରତା ପ୍ରାୟ ୧ କି.ମି ଭିତରେ ଥିଲା। ସରିତା ଥିଲେ ମାରୱାଡ଼ି ସମ୍ପ୍ରଦାୟର। କେଜି ପଢ଼ାପରେ ବିଜୟ ଓ ସରିତା ଭିନ୍ନ ଭିନ୍ନ ସ୍କୁଲ୍‌ରେ ପଢିଥିଲେ। କଲେଜ ବି ସେମାନଙ୍କର ଅଲଗା ଥିଲା। ସରିତା ଯାଜପୁରସ୍ଥ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ପଢୁଥିବାବେଳେ ବିଜୟ ସ୍ଥାନୀୟ ବ୍ୟାସନଗର କଲେଜରେ ପଢୁଥିଲେ। କଲେଜ ଯା'ଆସବେଳେ ସେମାନଙ୍କର ଅନେକ ସମୟରେ ଦେଖା ହେଉଥିଲା। ପିଲାଦିନର ସାଙ୍ଗ ହୋଇଥିବାରୁ ବେଳେବେଳେ ସେମାନେ କଥାବାର୍ତ୍ତା ବି ହେଉଥିଲେ। ସମୟାନୁସାରେ ସେମାନଙ୍କ ବନ୍ଧୁତା ବି ନିବିଡ଼ ହେଉଥିଲା। ଯୁକ୍ତ ତିନି ଦ୍ୱିତୀୟ ବର୍ଷରେ ସେମାନଙ୍କ ବନ୍ଧୁତା ଭଲ ପାଇବାର ରୂପ ନେଲା। କିଛିଦିନ ଭିତରେ ଘରଲୋକେ ସେମାନଙ୍କ କଥା ଜାଣିଗଲେ। ଜାତିଗତ ଭେଦଭାବକୁ ନେଇ ଉଭୟଙ୍କ ପରିବାରରୁ ପ୍ରତିବାଦର ସ୍ୱର ଉଠିଲା। ଯୁକ୍ତ ତିନି ପଢ଼ା ସରିବା ପରେ ସରିତାଙ୍କ ଘର ଲୋକେ ସରିତାଙ୍କ ବାହାଘର କରିବାକୁ ତତ୍ପର ହୋଇ ଉଠିଲେ। ହେଲେ ସରିତା ଥିଲେ ଜିଦିରେ ଅଟଳ। ବାହା ହେବେ ତ କେବଳ ବିଜୟଙ୍କୁ, ନଚେତ୍ ବାହା ହେବେନି। ଘର ଲୋକେ କିନ୍ତୁ ତାଙ୍କୁ ବାରମ୍ବାର ବିରୋଧ କରୁଥିଲେ। ଅନ୍ୟ କିଛି ଉପାୟ ନ ପାଇ ସରିତା ଘର ଛାଡିଲେ। ସରିତାଙ୍କୁ ବିଜୟ ନେଇ ତାଙ୍କ ଘରକୁ ଗଲେ। ହେଲେ ସେଠାରୁ ବି ତାଙ୍କୁ ଧିକ୍କାର ଶୁଣିବାକୁ ମିଳିଲା। ଶେଷରେ ଗୋଟିଏ ମନ୍ଦିରକୁ ଯାଇ ସରିତାଙ୍କ ମଥାରେ ବିଜୟ ସିନ୍ଦୂର ପିନ୍ଧାଇ ବିବାହ କଲେ ଆଉ ଏକ ଘର ଭଡ଼ା ନେଇ ଅନ୍ୟତ୍ର ରହିଲେ। ରୋଜଗାରକ୍ଷମ ହୋଇ ନ ଥିବାରୁ ସେମାନଙ୍କୁ ଚଳିବାକୁ ବେଶ୍ କିଛିଦିନ ବହୁତ ଅସୁବିଧା ହେଲା। ତା'ପରେ ବିଜୟ ଗୋଟିଏ ମାର୍କେଟିଂ ଜବ୍ ପାଇଲେ। ଧୀରେଧୀରେ ତାଙ୍କ ଚଳଣିରେ ସୁଧାର ଆସିଲା। ବିଜୟ କାମ କରି ପଇସା ରୋଜଗାର କରିବା ସହ ସରିତାଙ୍କୁ ଉଚ୍ଚଶିକ୍ଷିତା କରିବାକୁ ଅଣ୍ଟା ଭିଡିଲେ। ସରିତାଙ୍କୁ ବି.ଇଡି. ପଢାଇବା ସହ ନର୍ସିଂ ଟ୍ରେନିଂ ବି ଦେଲେ। ଯଦ୍ୱାରା ସରିତା ଏବେ ଏକ ଇଂଲିଶ ମାଧ୍ୟମ ସ୍କୁଲ୍‌ରେ ଶିକ୍ଷକତା କରୁଥିବାବେଳେ ବିଜୟ ୧୦/୧୨ଟି ଏଫ୍‌ଏମ୍‌ସିଜି କମ୍ପାନୀ ପ୍ରଡକ୍ଟର ଡିଷ୍ଟ୍ରିବ୍ୟୁଟର୍ ଅଛନ୍ତି। ତା' ସହିତ ସେମାନେ ଘର, ଗାଡ଼ି ସବୁ କିଛି କରିସାରିଲେଣି। ଆଉ ତାଙ୍କ ପୁଅ ରିଷି ଏବେ ଷ୍ଟାଣ୍ଡାର୍ଡ-୬ରେ ପଢୁଛି। ତା'ଛଡ଼ା ବିଜୟଙ୍କ ପରିବାର ଲୋକେ ଏବେ ବିଜୟଙ୍କ ଘରକୁ ଯା'ଆସ କଲେଣି। ବିଜୟ ଥିଲେ ଘରର ବଡ଼ ପୁଅ ଆଉ ତାଙ୍କ ତଳକୁ ତିନି ଭଉଣୀ। ଭଉଣୀମାନଙ୍କର ଯେତେବେଳେ ବାହାଘର ଲାଗିଲା, ବନ୍ଧୁଘର ଭାଇ କଥା ପଚାରିଲେ। ସେଥିପାଇଁ ବାଧ ହୋଇ ବିଜୟଙ୍କ ବାପା ବିଜୟଙ୍କୁ ଘରକୁ ଡାକିଲେ। ବାସ୍ ସେବେଠୁ ସେମାନଙ୍କର ପୁଣି ସମ୍ପର୍କ ବଢିଲା। ହେଲେ ଏପର୍ଯ୍ୟନ୍ତ ସରିତାଙ୍କ ଘରଲୋକେ ସେମାନଙ୍କୁ ଗ୍ରହଣ କରିନାହାନ୍ତି କି ସେମାନଙ୍କ ସହ କୌଣସି ସମ୍ପର୍କ ରଖିନାହାନ୍ତି। କିନ୍ତୁ ସରିତା ଓ ବିଜୟ ଉଭୟଙ୍କର ଇଚ୍ଛା ପୁଣିଥରେ ସମସ୍ତେ ଏକାଠି ହୋଇଯିବାକୁ। ଏ ନେଇ ସେମାନେ କୁହନ୍ତି, 'ଆମ ଭଲପାଇବା ଯୋଗୁ ଆମ ପରିବାର ଲୋକେ ବହୁତ କଷ୍ଟ ପାଇଲେ, ଯେଉଁଥିପାଇଁ ଆମେ ଦୁଃଖିତ। କିନ୍ତୁ ଏହି ଭଲପାଇବା ହିଁ ଆମକୁ ଧୈର୍ଯ୍ୟଶକ୍ତି ଦେଇଛି ଆଗକୁ ବଢିବାକୁ ଆଉ ନିଜ ପରିଚୟ ସୃଷ୍ଟି କରିବାକୁ। ଭଗବାନଙ୍କ ଆଶୀର୍ବାଦରୁ ଆମେ ଖୁସିରେ ଅଛୁ। ଆଉ ଆଶା କରୁଛୁ ସେହି ଭଗବାନ୍ ପୁଣି କେମିତି ସବୁକିଛି ଠିକ୍ କରିଦେବେ'।

**ପ୍ରେମ ପାଇଁ ପାଠପଢ଼ା ଓ ଚାକିରି ଛାଡ଼ିଥିଲେ :** ଭଦ୍ରକ ଜିଲା ସଦର ବ୍ଲକ ବାଣିତିଆ ପଞ୍ଚାୟତର ମୁକ୍ତାପଦୀ ଗାଁର ଚିନ୍ମୟ କୁମାର ମାଝୀ ସିଆର୍‌ପିଏଫ୍ ଯବାନ୍ ଭାବେ ଯୋଗ ଦେଇଥିଲେ ଜମ୍ମୁ ଓ କଶ୍ମୀରରେ। ୨୦୦୭ରେ ଅସୀମା ପ୍ରିୟଦର୍ଶନୀ ନାୟକ ନାମ୍ନୀ ଝିଅ ସହ ତାଙ୍କର ପରିଚୟ ହେଲା। ସେବେ ଅସୀମା ଭଦ୍ରକ କଲେଜରେ ମେସରେ ରହି ଯୁକ୍ତ ୨ ପଢୁଥିଲେ। କ୍ରମେ ଚିନ୍ମୟ ଓ ଅସୀମାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଲା। ଜାତି ଭିନ୍ନ ଜାଣି ସୁଦ୍ଧା ଉଭୟେ ପରସ୍ପରକୁ ଖୁବ୍ ଭଲ ପାଉଥିଲେ। ସେମାନଙ୍କ ପ୍ରେମ ସମ୍ପର୍କ ବେଶି ଦିନ ଆଉ ଲୁଚି ରହିଲାନି। ଘର ଲୋକେ ଜାଣିଲେ। ଜାତିଭେଦକୁ ନେଇ ଉଭୟଙ୍କ ପରିବାର ଲୋକେ ଖୁବ୍ ବିରୋଧ କଲେ। ଆଉ ଅସୀମାଙ୍କ ଘରଲୋକେ ତାଙ୍କ ପାଠପଢାରେ ରୋକ ଲଗାଇଦେଲେ। ଏପରିକି ଯୁକ୍ତ ୨ ପରୀକ୍ଷାକୁ ମାତ୍ର ୭ ଦିନ ବାକିଥାଏ, ତାଙ୍କୁ ମେସ୍‌ରୁ ଘରକୁ ନେଇଆସିଲେ। ଦିନକୁ ଦିନ ପରିସ୍ଥିତି ଗମ୍ଭୀର ହେଉଥିବା ଦେଖି ବାଧ ହୋଇ ଅସୀମା ଘର ଛାଡିଦେଲେ। ତା' ପୂର୍ବରୁ ଚିନ୍ମୟଙ୍କୁ ଘଟଣା ସମ୍ପର୍କରେ ସବୁ ଜଣାଇ ଦେଇଥିଲେ। ଯେଉଁଥିପାଇଁ ଚିନ୍ମୟ ଭଦ୍ରକରେ ପହଞ୍ଚି ଅସୀମାଙ୍କୁ ଦିଲ୍ଲୀ ନେଇଗଲେ ଆଉ ତାଙ୍କୁ ରେଜିଷ୍ଟ୍ରି ମ୍ୟାରେଜ କଲେ। ଏପଟେ ଅସୀମାଙ୍କ ପରିବାର ଅସୀମା ନାବାଳିକା ଥିବା ଦର୍ଶାଇ ଥାନାରେ ମାମଲା ରୁଜୁ କରିଦେଲେ। ଏହି ଖବର ଚିନ୍ମୟ ଓ ଅସୀମା ଜାଣିପାରି ଭଦ୍ରକ କୋର୍ଟରେ ଆସି ଆତ୍ମସମର୍ପଣ କଲେ। ସେତେବେଳକୁ ଅସୀମା ସାବାଳିକା ହେବାକୁ ମାତ୍ର ୩ ମାସ ବାକି ଥାଏ। ଦୁହିଁଙ୍କ ବୟାନକୁ ଭିତ୍ତି କରି କୋର୍ଟ ଅସୀମାଙ୍କୁ ୩ ମାସ ଶିଶୁ ଯତ୍ନ ଅନୁଷ୍ଠାନରେ ରହିବାକୁ ନିର୍ଦ୍ଦେଶ ଦେଲେ। ତାଙ୍କୁ ୧୮ ବର୍ଷ ହେବା ପରେ ଦୁହେଁ ବିବାହ କଲେ। ଚିନ୍ମୟଙ୍କ ପରିବାର ଲୋକେ ବିବାହକୁ ସ୍ୱୀକୃତି ଦେଇ ପୁଅ ବୋହୂଙ୍କୁ ଘରକୁ ନେଲେ। ହେଲେ ଅସୀମାଙ୍କ ଘରେ ଏହାକୁ ଗ୍ରହଣ କଲେନି। କିଛିଦିନ ପରେ ଅସୀମାଙ୍କର ସାମାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ଚିନ୍ମୟ ୨୦୧୨ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଗାଁକୁ ଫେରିଆଥିଲେ। ହସଖୁସିରେ ତାଙ୍କ ସଂସାର ଆଗେଇଲା। ୟା'ଭିତରେ ସେମାନଙ୍କର ଝିଅ ସ୍ନେହା ୮ ବର୍ଷର ଓ ପୁଅ ଆୟୁଷ୍ମାନ ୪ ବର୍ଷର ହୋଇଗଲେଣି। ଆଉ ଚିନ୍ମୟ ରୋଜଗାରର ପନ୍ଥା ଭାବେ ଭିଡିଓଗ୍ରାଫିକୁ ଆପଣେଇ ନେଇଥିବାବେଳେ ଅସୀମା ସୁଗୃହିଣୀ ଭାବେ ଖୁସିରେ ଅଛନ୍ତି। ସେମାନଙ୍କର କେବଳ ଗୋଟିଏ ଦୁଃଖ ରହିଯାଇଛି, କେବେ ଅସୀମାଙ୍କ ବାପଘର ଲୋକେ ସେମାନଙ୍କୁ ଆପଣେଇବେ।

ଶେଷରେ କେବଳ ଏତିକି କୁହାଯାଇପାରେ, ପ୍ରେମ କରିବା କିଛି ଭୁଲ୍ ନୁହେଁ କିନ୍ତୁ ଏହାକୁ ଖରାପ ଦିଗରେ ଆଗେଇ ନେବା ହେଉଛି ଭୁଲ୍। ଯେଉଁମାନେ ଏହାକୁ ବୁଝି ଠିକ୍ ଦିଗରେ ଯାଆନ୍ତି, ସେମାନଙ୍କର ପ୍ରେମ ହୁଏ ସଫଳ। ଆଉ ତାଙ୍କ ସଂସାର ରଥ ସୁରୁଖୁରୁରେ ଗଡ଼ିଚାଲେ ଆଗକୁ ଆଗକୁ।

**– ଅନ୍ୱିତା**


ତଥ୍ୟ ସହାୟତା–**ଭାସ୍କର ରାଉତରାୟ, ହର୍ଷବର୍ଦ୍ଧନ ବେହେରା, ବିଭୁପ୍ରସାଦ ବେହେରା**






ପୁଅଙ୍କ ସହ ବିଜୟ ଓ ସରିତା

# ଏରିକ୍ ଆର୍ଥର ବ୍ଲେୟାର










ଏରିକ୍ ଆର୍ଥର ବ୍ଲେୟାର, ନିଜ ପିତୃମାତୃଦତ୍ତ ନାମରେ ନୁହେଁ; ଛଦ୍ମନାମରେ ବେଶି ପରିଚିତ। ତାଙ୍କର ଛଦ୍ମନାମ ହେଉଛି 'ଜର୍ଜ ଅରୱେଲ'। ସେ ଏକାଧାରରେ ଜଣେ ଔପନ୍ୟାସିକ ତଥା ସାମ୍ବାଦିକ। ଏହି ବ୍ରିଟିଶ ସାହିତ୍ୟିକଙ୍କର ଉପନ୍ୟାସ ସବୁକୁ ସାମ୍ପ୍ରତିକ ବିଶ୍ୱର ଗୋଟିଏ ଗୋଟିଏ ମୌଳିକ ଆଲେଖ୍ୟ ବୋଲି ବିବେଚନା କରାଯାଏ।


ବିଶ୍ୱ ସାହିତ୍ୟର ଜଣେ ବରେଣ୍ୟ ପ୍ରତିଭା ହେଉଛନ୍ତି ଏରିକ୍ ଆର୍ଥର ବ୍ଲେୟାର। ତେବେ ସେ ନିଜ ପିତୃମାତୃଦତ୍ତ ନାମରେ ନୁହେଁ ; ଛଦ୍ମନାମରେ ବେଶି ପରିଚିତ। ତାଙ୍କର ଛଦ୍ମନାମ ହେଉଛି 'ଜର୍ଜ ଅରୱେଲ'। ସେ ଏକାଧାରରେ ଜଣେ ଔପନ୍ୟାସିକ ତଥା ସାମ୍ବାଦିକ। ଏହି ବ୍ରିଟିଶ ସାହିତ୍ୟିକଙ୍କର ଉପନ୍ୟାସ ସବୁକୁ ସାମ୍ପ୍ରତିକ ବିଶ୍ୱର ଗୋଟିଏ ଗୋଟିଏ ମୌଳିକ ଆଲେଖ୍ୟ ବୋଲି ବିବେଚନା କରାଯାଏ। ସାମାଜିକ ଅନ୍ୟାୟ, ଅନୀତି ବିରୋଧରେ ପ୍ରତିବାଦ ତାଙ୍କ ଲେଖାର ପ୍ରମୁଖ ସ୍ୱର। ଉପନ୍ୟାସ, ଗଳ୍ପକୁ ବାଦ୍ ଦେଲେ ସେ ବହୁ ସମାଲୋଚନା, କବିତା ଆଦି ମଧ୍ୟ ରଚନା କରିଯାଇଛନ୍ତି। ତାଙ୍କର ଦୁଇଗୋଟି ପ୍ରସିଦ୍ଧ ଉପନ୍ୟାସ ହେଉଛି 'ନାଇଣ୍ଟିନ୍ ଏଇଟି ଫୋର୍' ଓ 'ଆନିମଲ୍ ଫାର୍ମ'।

**ଜନ୍ମ ଓ ପିଲାବେଳ:** ୧୯୦୩, ଜୁନ୍ ୨୫ରେ ଭାରତୀୟ ଉପମହାଦେଶର ବିହାର ରାଜ୍ୟରେ ଜର୍ଜ ଅରୱେଲ୍‌ଙ୍କ ଜନ୍ମ। ସେତେବେଳେ ବିହାର ଥିଲା ବ୍ରିଟିଶ୍ ଇଣ୍ଡିଆ ଅନ୍ତର୍ଭୁକ୍ତ। ତାଙ୍କର ଏକ ବିତ୍ତଶାଳୀ ପରିବାର ଥିଲା। ତାଙ୍କ ଜେଜେବାପାମାନେ ଦାସ ବା ସ୍ଲେଭ୍ ବ୍ୟବସାୟୀ ଥିଲେ। ଅରୱେଲଙ୍କର ଦୁଇଭଉଣୀ ମେଜୋରୀ ଏବଂ ଆଭ୍ରିଲ୍। ମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ ହୋଇଥିଲେ ଜର୍ଜ ଅରୱେଲ। ସେ ପିଲାଟିବେଳୁ ଗପ ପ୍ରିୟ ଥିଲେ। ଏ ସବୁକୁ ବାଦ୍‌ଦେଲେ ସେ ବନ୍ଧୁକ ଚଳାଉଥିଲେ ଏବଂ ପ୍ରଚୁର ମାଛ ମଧ୍ୟ ମାରୁଥିଲେ।

**ସ୍ପଷ୍ଟବାଦୀ ଅରୱେଲ:** ସେ ମୂଳରୁ ସ୍ପଷ୍ଟବାଦୀ ଥିଲେ। ସମସ୍ୟା ତଥା ଅନିୟମିତତା ଦେଖିବା ମାତ୍ରେ ପ୍ରତିବାଦ କରିବା ଆରମ୍ଭ କରିଦଉଥିଲେ। ସେ ଥିଲେ ଜଣେ ଉଚ୍ଚକୋଟୀର ସାମ୍ବାଦିକ, ପ୍ରାବନ୍ଧିକ, ସମୀକ୍ଷକ ଏବଂ ସ୍ତମ୍ଭକାର। ପ୍ରତ୍ୟକ୍ଷ ଅନୁଭୂତିକୁ ନେଇ ସେ ସାହିତ୍ୟ ରଚନା କରିବାକୁ ପସନ୍ଦ କରୁଥିଲେ। ପୁସ୍ତକ 'ଡାଉନ୍ ଆଣ୍ଡ ଆଉଟ୍ ଇନ୍ ପ୍ୟାରିସ୍ ଆଣ୍ଡ ଲଣ୍ଡନ୍'ରେ ସେ ଏକ ଭୟଙ୍କର ଦୁର୍ଭିକ୍ଷର କଥା ବର୍ଣ୍ଣନା କରିଛନ୍ତି, ଯାହା ପ୍ରତ୍ୟକ୍ଷ ଅନୁଭୂତି ଉପରେ ପର୍ଯ୍ୟବସିତ। 'ଦି ରୋଡ୍ ଟୁ ୱିଗାନ୍ ପାଇଅର'ରେ ଦରିଦ୍ରମାନଙ୍କ ଦୁଃଖ ବର୍ଣ୍ଣନା କରାଯାଇଛି। 'ହୋମେଜ୍ ଟୁ କାଟାଲୋନିଆ'ରେ ରହିଛି ଗୃହଯୁଦ୍ଧ ବେଳର ଭୟଙ୍କର ପରିସ୍ଥିତି। ଏଭଳି ତାଙ୍କର ରହିଛି ବହୁ ସଫଳ ପୁସ୍ତକ। ତେବେ 'ଆନିମଲ୍ ଫାର୍ମ, ନାଇଣ୍ଟିନ୍ ଏଇଟି ଫୋର୍' ଆଦି ଉପନ୍ୟାସ ତାଙ୍କୁ ବିଶ୍ୱବିଖ୍ୟାତ କରିଦେଇଥିଲା।




**ଅରୱେଲ୍‌ଙ୍କ ଉପରେ ଆରୋପ:** ଜଣେ ସ୍ପଷ୍ଟବାଦୀ ଲେଖକ ଥିଲେ ଅରୱେଲ। ପୁଣି ସାହିତ୍ୟରେ ସେ ଆଦୌ ମନଗଢ଼ା କଥା କହୁ ନ ଥିଲେ। ତେଣୁ ତାଙ୍କ ଲେଖାକୁ ବହୁ ସମାଲୋଚନାର ଶରବ୍ୟ ହେବାକୁ ପଡୁଥିଲା। ଏମିତି କି ତାଙ୍କର ଲେଖାସବୁକୁ 'ଅସାମାଜିକ' ବୋଲି ମଧ୍ୟ କୁହାଯାଉଥିଲା। ସେତିକି ନୁହେଁ, ସାହିତ୍ୟ ନାମରେ ସେ ହିପୋକ୍ରାସୀ କରୁଛନ୍ତି ବୋଲି ମଧ୍ୟ କେତେକେ ଅଭିଯୋଗ କରୁଥିଲେ। ମାତ୍ର ଅରୱେଲ ଥିଲେ ଜଣେ ସାହସୀ ଲେଖକ। ସେ କୌଣସି ନିନ୍ଦା ଅପବାଦକୁ ଭ୍ରୂକ୍ଷେପ କରୁ ନ ଥିଲେ। ଓଲଟି ଏ କଥା କହୁଥିଲେ ଯେ, ତାଙ୍କ ଲେଖାସବୁକୁ ସମୟକ୍ରମେ ସମ୍ମାନ ମିଳିବ। ଲୋକମାନେ ତାଙ୍କ ଲେଖାକୁ ସହୃଦୟତାର ସହିତ ଗ୍ରହଣ କରିବେ। ଆଉ ଆଜି ତାହା ହିଁ ହୋଇଛି। ଅରୱେଲଙ୍କ ଲେଖାସବୁ ଆଜିର ବିଶ୍ୱ ସାହିତ୍ୟରେ ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ ବୋଲି ସାବ୍ୟସ୍ତ ହୋଇଛି।

ସମସ୍ତ ନିନ୍ଦା ଅପବାଦ ସତ୍ତ୍ୱେ ଅରୱେଲ ନିଜକୁ ଜଣେ ବିଶ୍ୱସ୍ତରୀୟ ଲେଖକ ଭାବରେ ପ୍ରତିପାଦିତ କରିପାରିଥିଲେ। ଗୃହଯୁଦ୍ଧ, ଶତ୍ରୁତା, କୂଟନୀତି ଏବଂ ବିଦ୍ରୋହକୁ ସେ ସବୁବେଳେ ପ୍ରତୀକାତ୍ମକ ଢଙ୍ଗରେ ଉପସ୍ଥାପିତ କରୁଥିଲେ। ଆଉ ମାନବ ସମାଜ ଯେ ସବୁବେଳେ ଶାନ୍ତିପ୍ରିୟ, ତାହାର ଜଣେ ଭାସ୍ୟକାର ଥିଲେ ଅରୱେଲ। ପତ୍ନୀ ସୋନିଆ ବ୍ରାଉନେଲ୍ ଥିଲେ ତାଙ୍କ ସାହିତ୍ୟର ସବୁଠୁ ବଡ଼ ପ୍ରେରଣା। ୧୯୪୯ ମସିହା ବେଳକୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଏହାର ବର୍ଷଟିଏ ପରେ ଫୁସ୍‌ଫୁସ୍ ଅକାମୀ ହେବା କାରଣରୁ ତାଙ୍କର ପରଲୋକ ଘଟିଥିଲା।





# ଅଗ୍ନି-ସ୍ନାନ

**– କିଶୋର ଆକାଶ**

**ଅ**ବସର ନେବା ପରେ ଗାଁକୁ ହିଁ ଫେରିଯିବେ ବୋଲି ଅନିରୁଦ୍ଧ ଅଡ଼ି ବସିଛନ୍ତି। ଦିଲ୍ଲୀ ମହାନଗରୀରେ ଦୀର୍ଘ ଚାଳିଶବର୍ଷ ଏକ ଉଚ୍ଚ ପଦବୀରେ ଆସୀନ ଅନିରୁଦ୍ଧ ଏଇ ମାତ୍ର ଦଶଦିନ ହେବ ରିଟାୟାର୍ଡ କରିଛନ୍ତି।

ଗାଁରେ ବାପା ଜେଜେ ଅମଳର ଘର ଅଛି। ଅବସର ନେବାର ଛ'ମାସ ପୂର୍ବରୁ ହିଁ ଲୋକ ପଠେଇ ଘରଟିକୁ ବାସୋପଯୋଗୀ କରିସାରିଛନ୍ତି। ଏଥିପାଇଁ କମ୍‌ସେ କମ୍ ଲକ୍ଷେଟଙ୍କା ଖର୍ଚ୍ଚ ହୋଇସାରିଛି। ପୁଅ ଦି'ଜଣ ଆମେରିକାରେ ସ୍ଥାୟୀ ବାସିନ୍ଦା। ଝିଅ ଜ୍ୱାଇଁ ବେଙ୍ଗାଲୁରୁରେ ସେଟେଲ। ସ୍ତ୍ରୀ ଅନୀତାଦେବୀ କେତେବେଳେ ପୁଅ ପାଖରେ ତ କେତେବେଳେ ଝିଅ ପାଖରେ ରହିବାକୁ ପସନ୍ଦ କରନ୍ତି।

ସମସ୍ତେ ମନା କରୁଛନ୍ତି ଅନିରୁଦ୍ଧଙ୍କୁ ଗାଁକୁ ଯିବାକୁ। ବାପା ! ତମେ ଗାଁରେ ଜମା ଚଳିପାରିବନି। ତମ ଜମାନାର ଗାଁ ଆଉ ଏବେ ନାହିଁ। ସେ ମାହୋଲ ବଦଳିଗଲାଣି। ମନ ଆଉ ମୂଲକର ମାନଚିତ୍ର ବି।

କିନ୍ତୁ ଅନିରୁଦ୍ଧ ନଛୋଡ଼ବନ୍ଦା। ଗାଁକୁ ଯିବେ ଇ ଯିବେ। ଏକା ଏକା ଅନିରୁଦ୍ଧ ମହା ଆନନ୍ଦରେ ଗାଁକୁ ଚାଲିଲେ।

ସକାଳୁ ଉଠି ଆମ୍ବତୋଟା ଦେଖିବାକୁ ଗଲେ। ଏ କ'ଣ ? ଆମ୍ବତୋଟା ଉଭାନ। ତିନି ମହଲା ଘର କେଇଟି ଉପହାସ କରୁଛନ୍ତି। ଗାଁ ପୋଖରୀକୁ ଯାଇ ଦେଖିଲେ ଅସନା ଗୋଳିଆ ଅପରିଷ୍କାର ପାଣିରେ ମାଛ ଧରୁଛନ୍ତି କିଛି ଯୁବକ। ଗାଁ ମନ୍ଦିରକୁ ଯାଇ ଦେଖିଲେ ତାସ୍‌ଖେଳ ଆଦି ଚାଲିଛି। ଗାଁ ଦାଣ୍ଡରେ ଗଣ୍ଡଗୋଳ। ବିଭିନ୍ନ ରାଜନୈତିକ ଦଳର କର୍ମୀଙ୍କ ଭିତରେ ରକ୍ତାକ୍ତ ସଂଘର୍ଷ। ଶାନ୍ତି – ସଂହତି – ସଂପ୍ରୀତି–ଭାଇଚାରା ଉଭାନ।

କେହି ବି ତାଙ୍କୁ ଦେଖି ଖୁସିହେଲା ଭଳି ସେ ଅନୁଭବ କଲେନାହିଁ। ବରଂ ନିଜ କକାପୁଅ ଭାଇର ସ୍ତ୍ରୀ କୁମୁଦ ଅଧରାତିଟାରେ ପାଟିକରି କହୁଥିଲା– 'ତୁମ ଭାଇନା କ'ଣ ଜମିଭାଗ ନେବାକୁ ଚାଲିଆସିଲେ କି ? କୋଟିପତି ହୋଇ କେତେ ଲୋଭ ଦେଖ। ମୋ ପିଲାଙ୍କର ଭାତଥାଳି ଛଡାଇ ନେବାକୁ ଆସିଗଲେ। ମୁଁ କ'ଣ ଏତେ ସହଜରେ ଛାଡ଼ିଦେବି କି ? ଚାଳିଶ ବର୍ଷ ଧରି ଚାଷ କରିଛେ ଆମେ। ସେ ଜମି ଆମର।'

କକାପୁଅ ଭାଇର ଯୁଆନ ପୁଅ ପାଟିକରି କହୁଥିଲା– 'ବୁଢ଼ା ଜାଣିନି ଆମର ତାକତ କେତେ ? ବୁଢ଼ା ଶୋଇଥିବ ଘରେ, ନିଆଁ ଲଗେଇଦେବି ଯେ, ମୁଠାଏ ପାଉଁଶ ହୋଇଯିବ ଏକା।'

ଅନିରୁଦ୍ଧ ଆଉ ରାତିରେ ଶୋଇପାରୁ ନ ଥିଲେ। ରାତି ଚାରିଟାରୁ ଉଠି ନିଜର ଜିନିଷ କିଛି ଧରି ଚାଲିଚାଲି ନିକଟସ୍ଥ ବସ୍‌ଷ୍ଟପ୍‌କୁ ଯାଉଥିଲେ। ପଛକୁ ଚାହିଁ ଦେଖୁଥିଲେ, ଚାଳିଶ ବର୍ଷର ସଞ୍ଚିତ ସ୍ୱପ୍ନର ଶୀଶ୍–ମହଲରେ ନିଆଁ ଲାଗି ଯାଇଛି। ସେ ନିଆଁରେ ସେ ବି ଜଳୁଥିଲେ। କିଏ ଯେମିତି କହୁଥିଲା– ବିଲୁଆ ନନାରେ ବିଲୁଆ ନନା/ଘର ପୋଡ଼ିଗଲା ପଛକୁ ଅନା।

*ସିଏସ୍–୫/୨୦୧, ସୁପରଟେକ୍ କେପ୍‌ଟାଉନ୍*
*ସେକ୍ଟର–୭୪, ନୋଏଡା*

# କି ଲେଖା ଲେଖିବି କୁହ

**– ଶକ୍ତି ସ୍ୱାଇଁ**

**ବି**ଷମ ପରିସ୍ଥିତିର ସ୍ଥିତି
ମୁଁ ବୁଝି ବି ବୁଝିପାରୁନି କିଛି॥
କେମିତିକା ଲେଖା
ମୋଠୁ ଚାହୁଁଛ ତୁମେ ?
ଯଦି ମୁଁ ଜଣାଣ ଲେଖୁଛି
ମୋତେ ବୃଦ୍ଧ କୁହ
ନିର୍ବାଣ ପାଇଁ
ବ୍ୟକୁଳିତ ବୋଲି ବ୍ୟାଖ୍ୟା କର॥
ପଲ୍ଲୀଗୀତ ଲେଖିଲେ
ମଫସଲି କୁହ
ଗାଁରୁ ଆସି ସହରରେ
ବସିଛ କି ? ବୋଲି ପ୍ରଶ୍ନ କର॥
ଶିଶୁ ସାହିତ୍ୟ ଲେଖିଲେ
ପିଲାଟା ବୋଲି ଭାବ
ସରଳ ଭାଷାର ଲେଖା
ତୁମ ମନକୁ ଯାଏନି କାଳେ॥
ବ୍ୟଙ୍ଗ କବିତା ଲେଖିଲେ
ମୋ ଚେହେରା ଓ ପେସା ସହିତ
ଖାପ ଖାଉନି ବୋଲି କୁହ॥
ଆଧୁନିକ ବା ରୋମାଣ୍ଟିକ୍ ଲେଖିଲେ
ଅତୀତକୁ ନେଇ ପ୍ରଶ୍ନ କର
ଓ ରସିକଟେ ବୋଲି ତାଚ୍ଛଲ୍ୟ କର॥
ବିରହ ଗୀତ ଲେଖିଲେ କୁହ
ଜୀବନରେ କିଛି ଖରାପ
ଚାଲିଛି ବୋଧେ॥
ଏବେ ତୁମେ କୁହ
ମୁଁ କି ଲେଖା ଲେଖିବି ?

*– ଝାରପଡା, ଭୁବନେଶ୍ୱର*

# କିଛି ବର୍ଷ ପରେ...

**– ଶାନ୍ତନୁ ସ୍ୱାଇଁ**

**ସ୍ମୃ**ତି ଏଠି ପଥରର ଛିନ୍ନ ଲିପି
ଛିଡ଼ି ଯାଇଥିବା ଗୁଡ଼ିର କଙ୍କାଳ
ପ୍ରେମ ଏଠି କଳ୍ପିତ କୁଳଦୀପ
ବିଶ୍ୱାସ ନିରୁଦ୍ଦିଷ୍ଟ ସମ୍ପର୍କର କାବ୍ୟ

କ'ଣ ଦେଇପାରିବି କୁହ !

ଦେଇପାରିବିନି ହଜିଥିବା ମାଣିକ
ଛେଳିକୁ
ଘଞ୍ଚ ଅନ୍ଧକାର, ନିଖୋଜ
ସାତଭାଇ, ସେ ବୋଇତକୁ...
କଉଠି ରହିଲା ଯେ, ସୁନା କୁଲେଇ
ରୁପାଚାନ୍ଦ ଗଢ଼ିବାର ସଉକ
କୁହ ଧନୀ ସୌଦାଗର
ସମ୍ପର୍କ ଯହିଁ ମୂଷାମାଟି
ଟିକେନିଖେ ଯାହାଥିଲା
ତାହା ତ ସମୁଦ୍ର ପାଟିରେ ପେଟରେ
ତଥାପି ବି ଦାବିଦାର... ଆମେ
ଦରଲଗଂଲା ସ୍ମୃତି, ଚାଖଣ୍ଡେ
ଜାଗାର
ଅସ୍ଥି, କଙ୍କାଳ, ଭଗ୍ନାବଶେଷର
ଦଶମିକ ରୂପାନ୍ତର...

ଏଠି ଏବେ ନିର୍ଜନ ଝାଉଁବଣ,
ଜହ୍ନରାତି
ଝଡ଼ି ପଡ଼ିଥିବା ରାଗ ଓ ରାଗିଣୀ
ନୋଳିଆ ପୁଅର ହୁଲିଡଙ୍ଗା
ସମୁଦ୍ରରେ ହଜିଥିବା ଗୀତ
ସାତଭାୟାକୁ ନେଇ
କେତେ ଗପ
କବିତାର ଗୁଚ୍ଛ
କିଛିବର୍ଷ ପରେ...
ସାତଭାୟା ହେଇପାରେ ମିଛ !

*– ବେଲପାଳ, ରାଜନଗର*



## ଲୁଟାଉଛନ୍ତି ଶ୍ରୁତି

ଯେତେ ବୁଲେଇ ବଙ୍କେଇ ପଚାରିଲେ କ'ଣ ହେବ କମଲ ତନୟା ଶ୍ରୁତି ହାସନ ତାହା ମାନିବାକୁ ନାରାଜ। ଏପରି କି କେତେକ ସ୍ଥାନରେ ଏହି ପ୍ରଶ୍ନର କିଛି ଉତ୍ତର ନ ଦେଇ ସେ ନୀରବ ରହୁଛନ୍ତି। କଥାଟା ଏମିତି କ'ଣ ଯେ ତାକୁ ନେଇ ଶ୍ରୁତି ଏବେ ଚର୍ଚ୍ଚାରେ। ଶ୍ରୁତି ଏବେ ଜଣେ ବିଦେଶୀ ଅଭିନେତାଙ୍କ ପ୍ରେମରେ ପଡିଥିବାର ଶୁଣିବାକୁ ମିଳୁଛି। ଏ ବିଷୟରେ ସଫେଇ ଦେଇ ସେ କହନ୍ତି, 'ଯାହା ସବୁ ଶୁଣିବାକୁ ମିଳୁଛି ତାହା ସମ୍ପୂର୍ଣ୍ଣ ମିଛ। ମୋ ନାଁରେ ଏଭଳି ଅପପ୍ରଚାର କଲେ କାହାକୁ କ'ଣ ମିଳେ ତାହା ମୁଁ ଜାଣେନା। ଯେଉଁ ବିଦେଶୀ ଅଭିନେତା ମାଇକେଲ କୋର୍ସାଲେଙ୍କ ସହ ମୋ ନାମକୁ ଯୋଡା ଯାଉଛି ସେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁ। ଅନ୍ୟପକ୍ଷରେ ସେ ଜଣେ ଭଲ ଥିଏଟର ଅଭିନେତା। ମୁଁ ବର୍ତ୍ତମାନ ଆକ୍ଟିଂ ପ୍ରତି ଧ୍ୟାନ ଦେଉଛି। ପ୍ରେମ କରିବାକୁ ମୋ ପାଖରେ ସମୟ ନାହିଁ।' ଦେଖାଯାଉ, ଏହି ଘଟଣାଟି ସତ କି ମିଛ।



## ଆଲିୟାଙ୍କ ପ୍ରଶଂସାରେ ଶାହରୁଖ

ଶାହରୁଖ ଏବେ ଯୁଆଡେ ଗଲେ ଆଲିୟାଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ତାଙ୍କ କହିବା ଅନୁସାରେ ଆଲିୟାଙ୍କଠାରେ ଅଭିନୟ ଦକ୍ଷତା ଭରି ରହିଛି। ଏପରି କି ସେ କୁଆଡେ ଆକ୍ସନ ରୋଲ୍ କରିବାକୁ ଫୁଲ୍ ଫିଟ୍। ଗୁଣ ଚିହ୍ନେ ଗୁଣିଆ ପରି ଆଲିୟାଙ୍କ ଆକ୍ଟିଂକୁ ଠିକ ଭାବରେ ଚିହ୍ନି ପାରିଲେ ଏବଂ ତାଙ୍କୁ ସେହି ଅନୁସାରେ ରୋଲ୍ ମିଳିଲେ ସେ ନାୟିକା ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିପାରନ୍ତେ। ସୂଚନାଯୋଗ୍ୟ ଏହି ଯୋଡିକୁ ନେଇ ନିର୍ମିତ ହୋଇଥିଲା 'ଡିୟର ଜିନ୍ଦେଗୀ'। ହେଲେ ଫିଲ୍ମଟି ଦର୍ଶକଙ୍କୁ ଆଶାନୁରୂପ ପ୍ରଭାବିତ କରିପାରି ନ ଥିଲା। ଶୁଣିବାକୁ ମିଳୁଛି ଯେ ନିଜ ହୋମ ବ୍ୟାନରରେ ଆଲିୟାଙ୍କୁ ନେବାକୁ ଯୋଜନା କରୁଛନ୍ତି ଶାହରୁଖ। ସେଥିପାଇଁ ଶାହରୁଖ ଏକ ଦମଦାର କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି।



## ଜନ୍ମରୁ ସେ ହତାଶ ପାର୍ଟି..



'ଜନ୍ମରୁ ସେ ହତାଶ ପାର୍ଟି, ସେ ମାଲ ମହୁ ତା'ର ଜୀବନ ମାଟି।' ସେ ହେଉଛନ୍ତି ମାଇକେଲ୍। ଭଲ ଭାବରେ କଥା କହିପାରେନା। ଯାହା କିଛି କରିବାକୁ ଚାହୁଁଛି ଭାଗ୍ୟ ତାହାର ସାଥ୍ ଦେଉନି। ତେଣୁ ସବୁବେଳେ ସେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଉଛି। ହେଲେ ତା' ଭିତରେ ପ୍ରେମ କରିବସିଛି। ତେବେ ମାଇକେଲ ତା' ଜୀବନରେ ପରିବର୍ତ୍ତନ ଆଣିପାରୁଛି ତ ? କଥା କ'ଣ କି ଏପରି ଏକ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ଓଲିଉଡ୍‌ର ପାଗଳପ୍ରେମୀ ଭାବରେ ପରିଚିତ ସବ୍ୟସାଚୀ। ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ମାଲ ମହୁ ଜୀବନ ମାଟି, ଭାଗ୍ୟର ନୋ ଗ୍ୟାରେଣ୍ଟି'। ଏହି ଦ୍ୱିଭାଷୀ (ଓଡ଼ିଆ, ଛତିଶଗଡି) ଫିଲ୍ମର ଶୁଟିଂ ନିକଟରେ ଶେଷ ହୋଇଛି। ଏଥିରେ ସବ୍ୟସାଚୀଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲିନା ସାମନ୍ତରାୟ। ଲେଡି ବାର୍ଡ ଏଣ୍ଟରଟେନ୍‌ମେଣ୍ଟ ସହାୟତା ତଥା ଆମ୍‌ରା ମ୍ୟୁଜିକ୍ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ସଲିଲ ମିତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଦ୍ୟୁସ୍ମିତା, ଲଭ୍‌ଲି, ପଦ୍ମଶ୍ରୀ ଅଞ୍ଜୁ ଶର୍ମା, ବିଜୁ ବଡ଼ଜେନା, ଅମର ପ୍ରମୁଖ କଳାକାର ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ପାଠ ପଢ଼ାଇବେ ପ୍ରିୟଙ୍କା



ପ୍ରିୟଙ୍କା ଚୋପ୍ରା ଏବେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ ସେ ଅଭିନୟକୁ ଗୁଡବାଏ କରିବାକୁ ଯାଉଛନ୍ତି। ସେ ସାଇନ୍ କରିଥିବା ଏକ ଫିଲ୍ମରେ ତାଙ୍କୁ ଶିକ୍ଷୟିତ୍ରୀ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ହେଲେ ଏହି ହିନ୍ଦୀ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ଉକ୍ତ ଫିଲ୍ମରେ ନିଜ ଭୂମିକାକୁ ନେଇ ପ୍ରିୟଙ୍କା କହନ୍ତି, 'ଅବଶ୍ୟ ଏଥିପାଇଁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ। ଜଣେ ଶିକ୍ଷୟିତ୍ରୀ ତାହାର ପାରିବାରିକ ଜୀବନରେ କି ପ୍ରକାର ଅସୁବିଧାର ସାମନା କରୁଛି ଏବଂ ସେଗୁଡିକୁ ସେ କିପରି ମୁକାବିଲା କରୁଛି ତାହା ସିନେମାରେ ଦେଖିବାକୁ ମିଳିବ। ସବୁଠାରୁ ଖାସ୍ କଥା ହେଲା, ଏହି ଭୂମିକାରେ ଦମ୍ ରହିଛି।' କେବଳ ସେତିକି ନୁହେଁ ସୋନାଲି ବୋଷଙ୍କ ଆଗାମୀ ଫିଲ୍ମ 'ଦ ସ୍କାଏ ଇଜ୍ ପିଙ୍କ୍'ରେ ପ୍ରିୟଙ୍କା ଜଣେ ମୋଟିଭେଟର ଭୂମିକାରେ ଅଭିନୟ କରୁଛନ୍ତି। ତାଙ୍କ ବ୍ୟତୀତ ଏଥିରେ ଫରହାନ ଅଖତର, ଜାଇରା ୱାସିମ ମଧ୍ୟ ଅଛନ୍ତି। ଏହି ଫିଲ୍ମରେ ତାଙ୍କ ଭୂମିକାର ନାମ ହେଉଛି 'ଅଦିତି ଚୌଧୁରୀ।

## ଅର୍ଜୁନଙ୍କ ଘୋଡ଼ା ଚଢ଼ା

ବେଳେ ବେଳେ କେତେକ ରୋଲ୍‌କୁ ସଫଳ କରିବାକୁ କଳାକାରମାନଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। ଦେଖୁନାହାନ୍ତି ଐତିହାସିକ ଫିଲ୍ମ 'ପାନିପଥ' ପାଇଁ କେମିତି ଅର୍ଜୁନ କପୁରଙ୍କୁ ବେଶ୍ ଝାଳ ବୁହାଇବାକୁ ପଡିଛି। କଥା କ'ଣ କି ଏହି ଫିଲ୍ମରେ ତାଙ୍କୁ ଘୋଡ଼ା ଚଢୁଥିବାର ଦେଖିବାକୁ ମିଳିବ। କାହାଣୀ ଶୁଣାଇ ଯେତେବେଳେ ତାଙ୍କୁ ଏକଥା ଜଣାଇ ଦିଆଗଲା ସେତେବେଳେ ସେ ଚୋଛକିରେ ପଡିଯାଇଥିଲେ। କାରଣ ତାଙ୍କୁ ଘୋଡ଼ା ଚଢ଼ିବାକୁ ଡର ଲାଗିଥାଏ। ହେଲେ କ'ଣ କରାଯିବ। ଯାହା ହେଲେ ବି ତାଙ୍କୁ ଘୋଡା ଚଢ଼ିବାକୁ ପଡ଼ିବ। ସେଥିପାଇଁ ମନକୁ ଦୃଢ଼ କରି ସେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଘୋଡା ଚଢ଼ା ଅଭ୍ୟାସ କରିଥିଲେ। ଯେଉଁଦିନ ପ୍ରଥମେ ସେ ଘୋଡା ଉପରେ ସବାର ହେଲେ ଘୋଡା ଉପରକୁ ଉଠି ଠିକ ଭାବରେ ବସିବାକୁ ତାଙ୍କୁ ପାଖାପାଖି ଘଣ୍ଟାଏ ଲାଗିଯାଇଥିଲା। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଅବସରରେ ଅର୍ଜୁନ ନିଜର ଘୋଡାଚଢ଼ା ଅନୁଭୂତି ସମ୍ପର୍କରେ ବଖାଣିଥିଲେ। ଆଉ ସେକଥା ଶୁଣି ଉପସ୍ଥିତ ଦର୍ଶକ ହସି ହସି ବେଦମ ହୋଇଯାଇଥିଲେ।





## ଦିନ ଗଣୁଛନ୍ତି ଅନନ୍ୟା

ନବାଗତା ଅନନ୍ୟା ପାଣ୍ଡେ। ଏବେଠାରୁ ସେ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ କ'ଣ ଜାଣନ୍ତି ? ତାଙ୍କ ପ୍ରଥମ ସିନେମା 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' ଚଳିତବର୍ଷ ମେ' ୧୦ରେ ରିଲିଜ ହେବାକୁ ଯାଉଛି। ଯଦିଓ ଏଥିପାଇଁ ଆହୁରି କିଛି ମାସ ବାକି ଅଛି ହେଲେ ସେ ଏବେଠାରୁ ଫିଲ୍ମର ସଫଳତା ନେଇ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। ଏ ବିଷୟରେ ସେ କହନ୍ତି, 'କରନ୍‌ଙ୍କ ପରି ଜଣେ ନାମୀ ପ୍ରଯୋଜକଙ୍କ କ୍ୟାମ୍ପରେ କାମ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଅପରପକ୍ଷରେ ଏହି ଫିଲ୍ମରେ ମୋ ଅପୋଜିଟ୍‌ରେ ଅଛନ୍ତି ବର୍ତ୍ତମାନର ୟଙ୍ଗ ସେନସେସନ ଟାଇଗର ଶ୍ରଫ୍। ଏହି ଫିଲ୍ମର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି ଏବଂ ଦର୍ଶକ ଏଥିରୁ ଫୁଲ୍ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ପୁନିତ ମାଲହୋତ୍ରା। ବିଶାଲ-ଶେଖର ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏବଂ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ରବି କେ. ଚନ୍ଦ୍ରନ। ଏହି ଫିଲ୍ମରେ ତାରା ସୁଟାରିଆ ମଧ୍ୟ ଅଭିନୟ କରିଛନ୍ତି।



## ପ୍ରଥମ ରୋଜଗାର

# ଦରମା ଟଙ୍କା ଘରକୁ ପଠାଉଥିଲି

ଆୟୁର୍ବେଦିକ ଡାକ୍ତର ତଥା ଅଭିନେତା **ଡା. ଅନନ୍ତ ଆଚାର୍ଯ୍ୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ନ**ୟାଗଡ଼ ଜିଲାର କନ୍ଧ ନୟାଗଡ଼ ଗାଁରେ ମୋ ଜନ୍ମ। କନ୍ଧ ନୟାଗଡ଼ ୟୁ.ପି ସ୍କୁଲରୁ ୫ମ ପାସ୍ କରିବା ପରେ ଚାନ୍ଦପୁରସ୍ଥିତ ଯଶୋଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ନାଁ ଲେଖାଇଥିଲି। ସେଠାରୁ ୭ମ ପାସ୍ କରି ଆସି ୟୁନିର୍ଭସିଟି ହାଇସ୍କୁଲ, ବାଣୀବିହାରରେ ମାଟ୍ରିକ୍ ଯାଏ ପଢ଼ିଲି। ୧୯୮୧ରେ ମାଟ୍ରିକ୍ ପାସ୍ କରି ପୁରୀ ଏସ୍‌ସିଏସ୍ କଲେଜରେ ଆଇ.ଏସ୍‌ସି. ଆଉ ତା'ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ବ୍ୟାଚେଲର୍ ଅଫ୍ ଆୟୁର୍ବେଦିକ ମେଡିସିନ୍ ଆଣ୍ଡ ସର୍ଜରୀ କୋର୍ସ କଲି। ପଢ଼ା ସରିବା ପରେ ମୋର ପୋଷ୍ଟିଂ ସୁନ୍ଦରଗଡ଼ରେ ଆୟୁର୍ବେଦିକ ମେଡିକାଲ୍ ଅଫିସର୍ ଭାବେ ହେଲା। ଦରମା ଦୁଇ ହଜାର ପାଖାପାଖି ମିଳୁଥିଲା। ଘରେ ଆମେ ୫ ଭାଇଭଉଣୀ (୨ ପୁଅ ଓ ୩ ଝିଅ)ମଧ୍ୟରୁ ମୁଁ ଥିଲି ମଝିଆଁ। କର୍ତ୍ତବ୍ୟ ଦୃଷ୍ଟିରୁ ଦରମା ଟଙ୍କା ଘରକୁ ପଠାଉଥିଲି। ଏହିପରି ଭାବେ ସମୟ ବିତି ଚାଲିଲା। ମୋର ବାହାଘର ହେଲା, ପରିବାର ବଢ଼ିଲା। ତା'ସହିତ ଆୟୁର୍ବେଦିକରେ ସ୍ନାତକୋତ୍ତର ଉପାଧି ହାସଲ କଲି। ଆଉ ଏବେ ବି ମୁଁ ସେହି ଜିଲାରେ ଚାକିରି କରୁଛି। ଚାକିରି ଜୀବନ ବାଦ୍ ଲେଖାଲେଖିରେ ରୁଚି ରଖିଛି। ଯା'ଭିତରେ ଓଡ଼ିଆ ଭାଷାରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟଭିତ୍ତିକ ପ୍ରବନ୍ଧ ମୋର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇସାରିଲାଣି। ସେହିପରି ଇଂଲିଶ ଭାଷାରେ ମଧ୍ୟ ୮/୧୦ଟି ପ୍ରବନ୍ଧ ପ୍ରକାଶିତ ହୋଇସାରିଲାଣି। ତା'ଛଡ଼ା ବିଭିନ୍ନ ମଞ୍ଚ, ଅନୁଷ୍ଠାନ, ସ୍କୁଲ୍ ତଥା ସଂଘ ତରଫରୁ ଆୟୋଜିତ ହେଉଥିବା ସ୍ୱାସ୍ଥ୍ୟ ସଚେତନତା ଶିବିରରେ ଯୋଗ ଦେଇ ପ୍ରାଥମିକ ଉପଚାରରେ ଆୟୁର୍ବେଦର ଭୂମିକା ତଥା ଉପକାରିତା ବିଷୟରେ ଲୋକଙ୍କୁ ବୁଝାଇବା ସହ ମାଗଣାରେ ବିଭିନ୍ନ ଔଷଧୀୟ ଗୁଳ୍ମଲତା ବାଣ୍ଟୁଛି, ଯାହା ମୋତେ ଖୁବ୍ ଆତ୍ମସନ୍ତୋଷ ଦେଉଛି। ଆଜକୁ ପ୍ରାୟ ୪ ବର୍ଷ ହେବ କ୍ରମାଗତ ଭାବେ ଷ୍ଟେଟ୍ କଳିଙ୍ଗ ହର୍ବାଲ ଫେୟାର୍‌ରେ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ଏସବୁ ବ୍ୟତୀତ ଅଭିନୟ ଦୁନିଆରେ ବି ସକ୍ରିୟ ଅଛି। ପିଲାଦିନେ ସ୍କୁଲ୍ ଡ୍ରାମାରେ ଅଭିନୟ କରୁଥିଲି। ଆଉ ଆୟୁର୍ବେଦ ପାଠପଢ଼ା ସମୟରେ ଅଲ୍ ଇଣ୍ଡିଆ ରେଡ଼ିଓରେ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ତଥା ବିଜ୍ଞାନ ସମ୍ବନ୍ଧୀୟ ପ୍ରବନ୍ଧ ପାଠକରି ଜନାଦୃତ ହୋଇଥିଲି। କ୍ରମେ ସମୟ ବିତି ଚାଲିଲା। ପାଠପଢ଼ି ଚାକିରି କଲି ଆଉ ତା'ସହିତ ସମ୍ବଲପୁର ଅଲ୍ ଇଣ୍ଡିଆ ରେଡ଼ିଓର ଜଣେ ସ୍ୱୀକୃତିପ୍ରାପ୍ତ ଡ୍ରାମା ଆର୍ଟିଷ୍ଟ ହେବାର ସୌଭାଗ୍ୟ ପାଇଲି। ସେହିପରି ଯା'ଭିତରେ ଅନେକ ଧାରାବାହିକ ତଥା ଚଳଚ୍ଚିତ୍ରରେ ବି ଅଭିନୟ କରିସାରିଲିଣି। ମୋ ଅଭିନୀତ ଧାରାବାହିକ ମଧ୍ୟରେ 'ସମ୍ରାଟ ଖାରବେଳ', ଟେନ୍‌ସନ୍ ଖଲାସ' 'କିନ୍ଦିରି କିନ୍ଦିରି ନାଚ୍', 'ଅଛୁଆଁ ପାଣି' ଇତ୍ୟାଦି ଅନ୍ୟତମ। ସେହିପରି ଚଳଚ୍ଚିତ୍ର ମଧ୍ୟରେ 'ଉଦଣ୍ଡୀ ସୀତା', 'ଅ ଆ ଇ', 'ସୁନ୍ଦରଗଡ଼ର ସଲମାନ୍ ଖାଁ', 'ଶ୍ରୀମାନ୍ ସୁରଦାସ୍', 'ତୋ ପାଇଁ ପାଗଳ ମୁଁ' ଇତ୍ୟାଦି ଅନ୍ୟତମ। ଅନ୍ୟପକ୍ଷେ 'କୋୟା' ନାମକ ଏକ ପ୍ରାମାଣିକ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛି। ଅଭିନୟ ବ୍ୟତୀତ ରେଡ଼ିଓ ତଥା ବିଭିନ୍ନ ଟିଭି ଚ୍ୟାନେଲ୍ ତରଫରୁ ହେଉଥିବା ଅନେକ ସ୍ୱାସ୍ଥ୍ୟଭିତ୍ତିକ ଆଲୋଚନାଚକ୍ରରେ ମଧ୍ୟ ଭାଗ ନେଇସାରିଲିଣି। ଏ ସମସ୍ତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋତେ ବହୁ ପୁରସ୍କାର ଓ ସମ୍ମାନ ବି ମିଳିଛି। ତନ୍ମଧ୍ୟରୁ କବିରାଜ ରଘୁନାଥ ତ୍ରିପାଠୀ ସ୍ମାରକୀ ସମ୍ମାନ, ପ୍ରକୃତିବନ୍ଧୁ ସମ୍ମାନ, ସ୍ୱାସ୍ଥ୍ୟ ବିକାଶ ଲେଖକ ସମ୍ମାନ, ଧନ୍ୱନ୍ତରୀ ଜୟନ୍ତୀ ସମ୍ମାନ, ଧରିତ୍ରୀ ସମ୍ମାନ ଏବଂ ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି ଫେଲୋଶିପ୍ ସମ୍ମାନ ଇତ୍ୟାଦି ଅନ୍ୟତମ।

# ଅଲଣା ପ୍ରେମରେ ବୁଡ଼ିଛି ମନ, ଜଣା ପଡୁନାହିଁ ରାତି କି ଦିନ

**ପ୍ରଶ୍ନ**-ମୁଁ ଯାହାକୁ ମନ ଦେବାକୁ ଚାହୁଁଛି ସେ ମୋ ମନକଥା ବୁଝୁନାହିଁ। କେତେଜଣଙ୍କୁ ଏକତରଫା ପ୍ରେମ କରି ଅସଫଳ ହୋଇଛି। କ'ଣ କରିବି?

*-ସୁରେଶ ମହନ୍ତ, ରେଢ଼ାଖୋଲ*

**ଉତ୍ତର:** ଗତସ୍ୟ ଶୋଚନା ନାସ୍ତି। ହେଲେ ଯେଉଁ ତରିକାରେ ପ୍ରେମ କରୁଛନ୍ତି ତାହାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦିଅନ୍ତୁ। ଏମିତି ମନଟିଏ ଖୋଜନ୍ତୁ, ଯିଏ ଆପଣଙ୍କ ମନର କଥାକୁ ଠିକ୍ ଭାବରେ ପଢ଼ିପାରୁଥିବ। ସେମିତି ଯାହାକୁ ଇଚ୍ଛା ତାକୁ ମନ ଦେଇ ବସିଲେ କ'ଣ ପ୍ରେମ ହୋଇଯାଏ। କାରଣ ଅଲଣା ପ୍ରେମରେ ବୁଡ଼ିଛି ମନ, ଜଣା ପଡୁନାହିଁ ରାତି କି ଦିନ। ବାସ୍, ଅସଲ ପ୍ରେମରେ ପ୍ରେମର ମଜା ଲୁଚି ରହିଛି। ତେଣୁ ଆନମନା ନ ହୋଇ ଏହି ରାସ୍ତାରେ ଦେଖିଚାହିଁ ପାଦ ପକାନ୍ତୁ।

**ପ୍ରଶ୍ନ**-କହନ୍ତି ସୁନ୍ଦରୀ ଝିଅର ହୃଦୟ ନାହିଁ। ସେମାନେ ପ୍ରେମର ଅସଲ ଅର୍ଥକୁ ବୁଝନ୍ତି ନାହିଁ। ଏ କଥା କ'ଣ ସତ?

*-ଅନିକେତ ସାହୁ, ପୁରୀ*

**ଉତ୍ତର:** ଏପରି ଅଳିଆ ଭିତରକୁ ଆଦୌ ପଶନ୍ତୁ ନାହିଁ। ଯଦି ପ୍ରେମର ମଜା ଚାଖିବାର ଅଛି, ତେବେ ଏମିତି ପ୍ରେମିକାଟିଏ ଚଏସ୍ କରନ୍ତୁ, ଯିଏ ସାରା ଜୀବନ ଆପଣଙ୍କ ହାତ ଧରି ଚାଲୁଥିବ। ସେ ସୁନ୍ଦରୀ ହେଉ କି ଅସୁନ୍ଦରୀ ସେଥିରେ କିଛି ଯାଏ ଆସେ ନାହିଁ। କାରଣ ପ୍ରେମ ହୃଦୟରୁ ସୃଷ୍ଟି ହୁଏ, ରୂପରୁ ନୁହେଁ।

**ପ୍ରଶ୍ନ**-ଝିଅମାନେ ସେମାନଙ୍କ ବାହାଘର ଦିନ କାନ୍ଦନ୍ତି କାହିଁକି?

*-ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର*

**ଉତ୍ତର:** ସେହି କାନ୍ଦକୁ ଅପାର ଆନନ୍ଦାଶ୍ରୁ ଭାବରେ ନେଇପାରନ୍ତି। ପରିବାର ଲୋକ, ନିକଟ ପରିଜନଙ୍କ ପାଖରୁ ସେ ଚାଲିଯାଏ ତା' ନୂଆ ସଂସାର ଗଢ଼ିବାକୁ। ପୁରୁଣା ସ୍ମୃତି ତା' ଆଖିରେ ଘଡ଼ିକ ପାଇଁ ଲୁହ ଆଣିଦିଏ। ହେଲେ ପରେ ସେ ନିଜ ହସ ଆଉ ସ୍ନେହରେ ସମସ୍ତଙ୍କୁ ଆପଣେଇ ନେଇଥାଏ।

**ପ୍ରଶ୍ନ**-କହିବେ କି ସାଥୀ, ମୁଁ ଯେଉଁ ଝିଅକୁ ଭଲ ପାଉଛି ସେ ମୋ ସାଙ୍ଗକୁ ଭଲ ପାଉଛି। ଏବେ ମୁଁ କ'ଣ କରିବି?

*-ମାନା ବେହେରା, ଖଣ୍ଡାଏତା, କଟକ*

**ଉତ୍ତର:** ଆଉ ବିଳମ୍ବ କରୁଛନ୍ତି କାହିଁକି? ଯାହାକୁ ଆପଣାର ବୋଲି ଭାବିଥିଲେ ସେ ଆଉ କାହାର ହୋଇଗଲା। ସେ ପାଥାଟିକ୍ ହିଷ୍ଟ୍ରି ପୃଷ୍ଠାକୁ ଲେଉଟାଇଲେ କେବଳ ଅନୁଶୋଚନା ହିଁ ସାର୍। ତେଣୁ ସେହି ପ୍ରେମକୁ ଯେତେଶୀଘ୍ର ମନରୁ ପାସୋରି ନୂଆ ଜୀବନ ଆରମ୍ଭ କରିବାକୁ ଚେଷ୍ଟା କରନ୍ତୁ।

**ପ୍ରଶ୍ନ**-ଜଣେ ଝିଅ ଥରେ ମୋ ସହ ଆଖି ମିଶାଇ ହସିଦେଲା। ହେଲେ ଏବେ ଦେଖିଲେ ମୁହଁ ମୋଡି ଚାଲିଯାଉଛି। ଏମିତି କାହିଁକି ହେଲା ?


*-ଜିତେନ କୁମାର, ବାରିପଦା*

**ଉତ୍ତର:** ଇସ୍ ! ଆପଣ ବୋଧହୁଏ ରଂ ନମ୍ବର ଡାଏଲ କରିଦେଇଛନ୍ତି। କାରଣ ସବୁ ହସରେ ପ୍ରେମ ନ ଥାଏ। ହେଲେ ସେହି ହସକୁ ନେଇ ଆପଣ ପ୍ରେମର ମୀନାର ଗଢ଼ିସାରିଛନ୍ତି। ଏବେ ବି ସମୟ ଅଛି, ଯଦି ପାଣିପାଗ ଭଲ ଲାଗୁନି ତେବେ ଚ୍ୟାନେଲ ଚେଞ୍ଜ କରିଦିଅନ୍ତୁ ନା !

**ପ୍ରଶ୍ନ**-କହନ୍ତି ପ୍ରେମର ସ୍ୱାଦ ମିଠା। ହେଲେ ବେଳେ ବେଳେ ଏହା ପିତା ଲାଗେ କାହିଁକି ?

*-ମନୋଜ ସାହୁ, ଯାଜପୁର*

**ଉତ୍ତର:** କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର। ତେଣୁ ପ୍ରେମର ଆରମ୍ଭ ଯେମିତି, ଶେଷ ସେମିତି। ଯଦି ଏହି ଗାଡିକୁ ସଠିକ ଭାବରେ ଚଲାଇ ନ ପାରିଲେ ତେବେ ସବୁ କିଛି ଅରୁଆ ତରୁଆ ହୋଇଯାଏ। ତେଣୁ ଯଦି ସବୁ କିଛି ଠିକ୍ ଠାକ୍ ରହିଲା, ମନରେ ମନ ମିଶି ପ୍ରେମର ଗାଡି ସୁରୁଖୁରୁରେ ଆଗକୁ ଗଡି ଚାଲିଲା ତେବେ ପ୍ରେମର ସ୍ୱାଦ ସବୁବେଳେ ମିଠା ଲାଗିବ। ଯଦି ଏପଟସେପଟ ହେଲା ତେବେ ସବୁ କିଛି ପାଣିଚିଆ ହୋଇଯାଏ।



ସାଥୀ



# ଗ୍ଲାମର୍ସ ରେଡ୍



**ଲାଲ୍ ରଙ୍ଗକୁ ପ୍ରେମର ରଙ୍ଗ କୁହାଯାଏ। ତେଣୁ ପ୍ରେମର ଦିବସରେ ହଟ୍ ରେଡ୍ କଲର୍ ଆଉଟ୍ ଫିଟ୍ ଟ୍ରାଏ କଲେ ଲୁକ୍ ଗ୍ଲାମର୍ସ ହେବାସହ ଦିନଟି ହୋଇଯିବ ପୂରା ପ୍ରେମମୟ...**

**ପ୍ରଥମ ଡେଟ୍ ହୋଇଥିଲେ–** ଯଦି ଭାଲେଣ୍ଟାଇନ୍ସ ଡେ'ରେ ପ୍ରଥମଥର ଡେଟିଂରେ ଯାଉଛନ୍ତି, ତେବେ ସିମ୍ପଲ ଓ କାଜୁଆଲ୍ ରେଡ୍ ଡ୍ରେସ୍ ପିନ୍ଧିପାରିବେ। ହାଲ୍କା ମେକ୍ଅପ୍ ସହ କାଜୁଆଲ୍ ହେୟାର୍ଷ୍ଟାଇଲ୍ କରନ୍ତୁ।

**କଲେଜ୍ ଝିଅଙ୍କ ମୁଭି ଡେଟ୍ ପାଇଁ–** ମୁଭି ଡେଟ୍‌ରେ ଯାଉଥିଲେ ଡ୍ରେସ୍ କମ୍ଫର୍ଟେବୁଲ୍ ଓ କାଜୁଆଲ୍ ହେବା ଭଲ। ରେଡ୍ ସ୍କର୍ଟ ଏହି ଅକେଜନ୍ ପାଇଁ ଟ୍ରାଏ କରିପାରିବେ। ଏଥିରେ ପାଷ୍ଟେଲ କଲର୍‌ର କ୍ରପ୍ ଟପ୍ କିମ୍ବା କାଜୁଆଲ୍ ଶାର୍ଟ ପେୟାର କରନ୍ତୁ। ଲାଲ ରଙ୍ଗର ଟପ୍ସ ସହ ଧଳା ସ୍କର୍ଟ ବହୁତ ଭଲ ଲାଗେ। ଏହାକୁ ବି ବାଛିପାରିବେ।

**ମହିଳାଙ୍କ ଡିନର୍ ଡେଟ୍‌ରେ–** ପ୍ରେମର ଦିବସ ସମସ୍ତଙ୍କ ପାଇଁ। ଯଦି କୌଣସି ବିବାହିତା ମହିଳା ସ୍ୱାମୀଙ୍କ ସହ ଡିନର୍ ଡେଟ୍‌ରେ ଯିବେ, ତେବେ ରେଡ୍ ଗାଉନ୍ କିମ୍ବା ରେଡ୍ ସାଲୱାର୍ ପିନ୍ଧି ପାରିବେ। କାଜୁଆଲ୍ ଆଉଟିଂରେ ବି ଏହାକୁ ଟ୍ରାଏ କରିପାରିବେ। ଏହା ସହ ସଫ୍ଟ କର୍ଲି ହେୟାର୍, ଗ୍ଲୋୟି ମେକ୍ଅପ୍, ହାଇ ହିଲ୍ସ ଓ ଗୋଲ୍ଡେନ୍ କ୍ଲଚ୍ ଫ୍ୟାବୁ୍ୟଲସ୍ ଲୁକ୍ ଦେବ। ସୁନ୍ଦର ଲାଲ୍ ରଙ୍ଗର ଶାଢି ବି ପିନ୍ଧି ପାରିବେ। ତା'ସହ କ୍ରିଷ୍ଟାଲ୍ ଜୁଏଲ୍ ବେଶ୍ ଆକର୍ଷଣୀୟ ଲାଗିବ।

**ଭାଲେଣ୍ଟାଇନ୍ସ ଡେ ପାର୍ଟି ପାଇଁ–** ଫ୍ୟାନ୍ସି ସ୍ଲିପ୍ ଡ୍ରେସ୍ କିମ୍ବା ରେଡ୍ ଗାଉନ୍ ଏହି ଅକେଜନ ପାଇଁ ବେଷ୍ଟ। ଗ୍ଲସି ମେକ୍ଅପ୍, ରେଡ୍ ଲିପ୍ସ, ବ୍ଲୋ ଡ୍ରାଏଡ୍ ହେୟାର୍ ପାର୍ଟି ମେକ୍ଅପ୍‌କୁ କମ୍ପ୍ଲିଟ୍ କରିବ। ଏହାସହ ପମ୍ପସ୍, ହାତରେ କ୍ଲଚ୍, ଡେଲିକେଟ୍ ଜୁଏଲେରୀ ବେଶ୍ ମାନିଥାଏ।





ସନ୍ଧ୍ୟା-ପ୍ରତୀକ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ**

## ହାଃ ହାଃ

### ଚା'

ସ୍ୱାମୀ ସ୍ତ୍ରୀଙ୍କୁ-ଆଜି ତମେ ମୋ ପାଇଁ ଏମିତି ଚା' କରିଦିଅ, ଯେମିତିକି ମୋର ସାରା ଶରୀର ଝୁମି ଉଠିବ। ଆଉ ମନ ନାଚିଯିବ।
ସ୍ତ୍ରୀ- ଆମ ଘରକୁ ଗାଈ କ୍ଷୀର ଆସେ, ନାଗୁଣୀର ନୁହେଁ।

### କଥା ହେବିନି

ସ୍ତ୍ରୀ ସ୍ୱାମୀଙ୍କୁ- ଆଜିଠାରୁ ମୁଁ ତୁମ ସାଙ୍ଗରେ କଥା ହେବିନି।
ସ୍ୱାମୀ- ଠିକ୍ ଅଛି।
ସ୍ତ୍ରୀ- କାରଣ ଜାଣିବାକୁ ଚାହିଁବନି ?
ସ୍ୱାମୀ- ନା। ମୁଁ ତୁମ ନିଷ୍ପତ୍ତିକୁ ସମ୍ମାନ ଦେଉଛି।

### ସୁଇଟ୍

ଭଗବାନଙ୍କୁ ଯୁବକ- ହେ, ଭଗବାନ ଝିଅମାନେ ଏତେ ସୁଇଟ୍ ହୋଇଥାଆନ୍ତି। ହେଲେ ସ୍ତ୍ରୀ ହୋଇଗଲାପରେ ଏତେ ଖତରନାକ୍ କେମିତି ହେଇଯାଆନ୍ତି ?
ଭଗବାନ-ଝିଅଙ୍କୁ ମୁଁ ତିଆରି କରିଛି। ତେଣୁ ସେମାନେ ସୁଇଟ୍। ହେଲେ ସେମାନଙ୍କୁ ସ୍ତ୍ରୀ ତମେ କରିଥାଅ। ତେଣୁ ଏ ସମସ୍ୟା ତୁମର। ତୁମକୁ ସହିବାକୁ ହେବ।



# ବାସର ସରସ୍ୱତୀ ମନ୍ଦିର

**ତେଲେଙ୍ଗାନାର ନିର୍ମଳ ଜିଲା ଅନ୍ତର୍ଗତ ବାସରଠାରେ ଥିବା ସରସ୍ୱତୀ ମନ୍ଦିର ବାସର ସରସ୍ୱତୀ ମନ୍ଦିର ଭାବେ ବେଶ୍ ପରିଚିତ। 'ଅକ୍ଷର ଅଭ୍ୟାସମ୍' ନାମକ ଏକ ଧାର୍ମିକ ରୀତି ପାଇଁ ଏଠାରେ ଭକ୍ତଗଣଙ୍କ ଭିଡ଼ ଜମେ...**







ତେଲେଙ୍ଗାନାର ନିର୍ମଳ ଜିଲା ଅନ୍ତର୍ଗତ ଏକ ସହର ହେଉଛି ବାସର। ଗୋଦାବରୀ ତଟ ଦେଶରେ ଅବସ୍ଥିତ ଏହି ସହରରେ ରହିଛି ବିଦ୍ୟା ଦେବୀଙ୍କର ମନ୍ଦିର, ଯାହାକୁ ବାସର ସରସ୍ୱତୀ ମନ୍ଦିର ବୋଲି ସମ୍ବୋଧନ କରାଯାଇଥାଏ।

### ଇତିହାସ

ପୁରାଣ ଶାସ୍ତ୍ର ଅନୁସାରେ, ଦେବୀ ସରସ୍ୱତୀଙ୍କର ଏହି ମନ୍ଦିରଟି ସେହି ସ୍ଥାନରେ ନିର୍ମିତ ହୋଇଛି, ଯେଉଁ ସ୍ଥାନରେ ଦିନେ ମହର୍ଷି ବେଦବ୍ୟାସ ତପସ୍ୟା କରୁଥିଲେ। ଅର୍ଥାତ୍ ମହାଭାରତର ରଚୟିତା ମହର୍ଷି ବେଦବ୍ୟାସ କୁରୁକ୍ଷେତ୍ର ଯୁଦ୍ଧ ସମାପନ ପରେ ମାନସିକ ସ୍ତରରେ ଭାଙ୍ଗିପଡି ଯେତେବେଳେ ଶାନ୍ତି ପାଇବା ଆଶାରେ ତୀର୍ଥଯାତ୍ରାରେ ବାହାରିଥିଲେ, ସେତେବେଳେ ଗୋଦାବରୀ ତଟଦେଶରେ ଅବସ୍ଥିତ ଏହି ସ୍ଥାନ ନିକଟରେ କିଛି ସମୟ ପାଇଁ ଅଟକି ଯାଇଥିଲେ। ସେଠାକାର ଶାନ୍ତ ପରିବେଶ ତାଙ୍କୁ ଖୁବ୍ ଆକୃଷ୍ଟ କରିଥିଲା। ସେ ଧ୍ୟାନସ୍ଥ ହେଲେ। ଧ୍ୟାନରେ ଦେବୀ ସରସ୍ୱତୀ ତାଙ୍କୁ ଦର୍ଶନ ଦେଇ ତିନି ଦେବୀ ମହାଲକ୍ଷ୍ମୀ, ମହାକାଳୀ ଏବଂ ମା' ସରସ୍ୱତୀଙ୍କ ପାଇଁ ମନ୍ଦିର ଗଢ଼ିବାକୁ ଆଦେଶ ଦେଲେ। ଯଦ୍ଦ୍ୱାରା ମହର୍ଷି ବ୍ୟାସ କିଛି ବାଲି ଆଣି ସେଥିରେ ତିନି ଦେବୀଙ୍କର ମୂର୍ତ୍ତି ଗଢ଼ି ତାଙ୍କୁ ପୂଜା କରିବାକୁ ଲାଗିଲେ। ଖାସ୍ ସେଇଥିପାଇଁ ପରବର୍ତ୍ତୀ ସମୟରେ ଏହି ସ୍ଥାନଟି ବାସର ନାମରେ ପରିଚିତ ହେବା ସହ ଏଠାରେ ମା' ସରସ୍ୱତୀଙ୍କର ଏକ ମନ୍ଦିର ନିର୍ମାଣ କରାଗଲା। କେହି କେହି ଏହାକୁ ବସରା ସରସ୍ୱତୀ ମନ୍ଦିର ବି କହିଥାନ୍ତି।

### କ'ଣ ଦେଖିବେ

ଏହି ମନ୍ଦିରର କେନ୍ଦ୍ରୀୟ ପ୍ରତିମା ଭାବେ ଦେବୀ ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ପଦ୍ମାସନ ମୁଦ୍ରାରେ ମା'ଙ୍କର ପ୍ରାୟ ୪ ଫୁଟ ଉଚ୍ଚତାବିଶିଷ୍ଟ ଏକ ପ୍ରତିମା ଏଠାରେ ଦେଖିବାକୁ ମିଳେ। କେବଳ ସେତିକି ନୁହେଁ, ମହାଲକ୍ଷ୍ମୀ ଏବଂ ମହାକାଳୀଙ୍କ ମୂର୍ତ୍ତିକୁ ବି ଏଠାରେ ଆରାଧନା କରାଯାଏ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ମନ୍ଦିର ନିକଟରେ ଥିବା ଏକ ପାହାଡ଼ ଉପରକୁ ମଧ୍ୟ ବୁଲିବାକୁ ଯାଇପାରିବେ। ଉକ୍ତ ପାହାଡ଼ର ଶୀର୍ଷଭାଗରେ ମା' ସରସ୍ୱତୀଙ୍କର ପଦ୍ମାସନ ମୁଦ୍ରାରେ ଏକ ମୂର୍ତ୍ତି ବି ସ୍ଥାପନ କରାଯାଇଛି।

### ମା'ଙ୍କ ପୂଜା ନୀତି


ପ୍ରତ୍ୟେକ ଦିନ ଭୋର୍ ୪ଟାରୁ ମା'ଙ୍କର ପୂଜାନୀତି ଆରମ୍ଭ ହୋଇଥାଏ। ନୂଆ ବସ୍ତ୍ର ପିନ୍ଧାଯାଇ ଅଳଙ୍କାର ତଥା ପୁଷ୍ପରେ ମା'ଙ୍କୁ ସଜାଇ ଦିଆଯାଏ। ସୂର୍ଯ୍ୟୋଦୟ ହେବା ମାତ୍ରେ ମା'ଙ୍କ ଆଳତି କରାଯାଇ ଭକ୍ତଗଣଙ୍କୁ ପ୍ରସାଦ ବଣ୍ଟାଯାଇଥାଏ। ତେବେ ବସନ୍ତ ପଞ୍ଚମୀ, ମହାଶିବରାତ୍ରି, ବ୍ୟାସ ପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା, ଦଶହରା, ଲକ୍ଷ୍ମୀପୂଜା ତଥା କାଳୀପୂଜା ଦିନ ଏଠାରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥାଏ।

### ବିଦ୍ୟାରମ୍ଭ ପାଇଁ ବିଶେଷ ପୂଜା


ଏଠାକାର ଏକ ବିଶିଷ୍ଟ ଧାର୍ମିକ ରୀତି ହେଉଛି 'ଅକ୍ଷର ଅଭ୍ୟାସମ୍'। ପିତାମାତା ତାଙ୍କ ପିଲାଙ୍କର ବିଦ୍ୟାରମ୍ଭ କରିବା ପୂର୍ବରୁ ସେମାନଙ୍କୁ ପ୍ରଥମେ ଏହି ସ୍ଥାନକୁ ଆଣି ମା'ଙ୍କର ଦର୍ଶନ କରାଇଥାନ୍ତି। ତା'ପରେ ମା'ଙ୍କ ପାଖେ ବହି, ଖାତା, ପେନ୍, ପେନ୍ସିଲ୍ ଇତ୍ୟାଦି ରଖି ଯଥାରୀତି ପୂଜାର୍ଚ୍ଚନା ସରିବା ପରେ ଅକ୍ଷର ଶିକ୍ଷା ପର୍ବ ଆରମ୍ଭ ହୋଇଥାଏ। ତେବେ ଏହି 'ଅକ୍ଷର ଅଭ୍ୟାସମ୍' ରୀତି ପାଇଁ ବର୍ଷର ଚାରୋଟି ଦିନକୁ ଖୁବ୍ ଶୁଭ ବୋଲି ମାନିଥାନ୍ତି ସ୍ଥାନୀୟ ବାସିନ୍ଦା। ଯଥା: ବସନ୍ତ ପଞ୍ଚମୀ, ବିଜୟା ଦଶମୀ, ବ୍ୟାସ ପୂର୍ଣ୍ଣିମା ତଥା ଶ୍ରାବଣ ପୂର୍ଣ୍ଣିମା। ତେଣୁ ଏହି ଚାରିଦିନ ଏଠାରେ ପ୍ରବଳ ଭିଡ଼ ହୁଏ।

### କେମିତି ଯିବେ

ହାଇଦ୍ରାବାଦ୍‌ଠାରୁ ପ୍ରାୟ ୨୦୦ କିମି ଦୂରରେ ଏହି ମନ୍ଦିର ଅବସ୍ଥିତ। ଏଠାକୁ ଯିବା ପାଇଁ ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍‌ର ସୁବିଧା ରହିଛି। ସେହିପରି ବାସର ରେଲ୍‌ୱେ ଷ୍ଟେଶନ ହେଉଛି ଏହାର ନିକଟବର୍ତ୍ତୀ ରେଳଷ୍ଟେଶନ,ଯାହାଉକ୍ତମନ୍ଦିରଠାରୁପ୍ରାୟ୨.୪କିମିଦୂରରେରହିଛି।



# ବିଲେଇଙ୍କ ପାଇଁ ଟ୍ରେଡ୍ ମିଲ୍





ଅନେକ ସମୟରେ ଦେଖାଯାଏ ପୋଷା ବିଲେଇ ଘରେ ଖାଇପିଇ, ଅୟସରେ ରହି ମେଦ ବହୁଳତାର ଶିକାର ହୋଇଯାଆନ୍ତି। ହେଲେ ସେମାନଙ୍କୁ ବ୍ୟାୟାମ କରାଇବା ତ ସହଜ ହୋଇ ନ ଥାଏ। ତେଣୁ ସେମାନେ ସେହିଭଳି ରହିଯାଆନ୍ତି। ତେବେ ଏହି ସମସ୍ୟାର ସମାଧାନ ପାଇଁ କୋରିଆର ଏକ କମ୍ପାନୀ ତିଆରି କରିଛନ୍ତି ବିଲେଇଙ୍କ ନିମନ୍ତେ ଟ୍ରେଡ୍ ମିଲ୍। ଏହା ଏକ ସ୍ମାର୍ଟ ଏକ୍ସରସାଇଜ ମେଶିନ। ଏଥିରେ ଥିବା ଏଲ୍ଇଡି ଲାଇଟ୍ ବିଲେଇଙ୍କୁ ଟ୍ରେଡ୍ ମିଲ୍ରେ ଚାଲିବାକୁ ଆକର୍ଷିତ କରେ। ମାଲିକ ଘରେ ନ ଥିଲେ ବି ସେ ନିଜ ପେଟ୍ ପାଇଁ ଭଏସ୍ ମେସେଜ୍ ରେକର୍ଡ କରି ଏହି ମେଶିନକୁ ପଠାଇପାରିବେ। ଏହାର କମ୍ପାନିଅନ୍ ଆପ୍ରେ ମାଲିକ ପେଟ୍ ପାଇଁ ଫିଟ୍ନେସ୍ ଗୋଲ୍ ସେଟ୍ କରିପାରିବେ। ଏଥିରେ ଅଟୋ ମୋଡ୍ ଅପ୍ସନ ବି ରହିଛି। ୱାର୍କଆଉଟ୍ ପ୍ୟାଟର୍ନ ଓ ଟ୍ରେଡ୍ ମିଲ୍ ସ୍ପିଡ୍ ବି ଏଥିରେ ସେଟ୍ କରିହେବ। ଟ୍ରେଡ୍ ମିଲ୍ ଟ୍ରାକ୍ ମଝିରେ ଥିବା ଲାଇଟ୍କୁ ଧରିବା ପାଇଁ ବିଲେଇଟି ଏହା ମଧ୍ୟରେ ଚାଲେ। ଆଉ ଯେତେ ଯେତେ ଦୌଡ଼ି ତାକୁ ଧରିବାକୁ ଚେଷ୍ଟା କରେ ଏହି ଗୋଲାକାର ଟ୍ରେଡ୍ ମିଲ୍ ସେତେ ସ୍ପିଡ୍ରେ ଚାଲେ। ଏଥିରେ ମାତ୍ର ୧୦ ମିନିଟ୍ର ୱାର୍କ ଆଉଟ୍ ବିଲେଇଙ୍କ ପାଇଁ ଯଥେଷ୍ଟ। ଏହି ମେଶିନ ବିଲେଇର ବଡି ମାସ୍ ଇଣ୍ଡେକ୍ସ ଗଣନାକରି ସେହି ଅନୁସାରେ ଟ୍ରେଡ୍ ମିଲ୍ କେତେ ସମୟ ଓ କେତେ ସ୍ପିଡ୍ରେ ଗତି କରିବ ଧାର୍ଯ୍ୟ କରିପାରେ। ତେବେ ନିଜ ପୋଷା ବିଲେଇର ଫିଟ୍ନେସ୍ ପାଇଁ ଏହାକୁ କିଣିବାକୁ ଚାହୁଁଥିଲେ ଖର୍ଚ୍ଚ କରିବାକୁ ହେବ ୧୮୦୦ ଡଲାର।

## କାର୍ଟୁନ କର୍ନର





ସୁବୋଧ ମିଶ୍ରଙ୍କ ସହ ଝିଅ ଶିଖା


# ଏବେବି ଲାଗେ ସସ୍ମିତା ମୋ ପାଖରେ ଅଛନ୍ତି...

"ଦୁଃଖକୁ ବାଦ୍ ଦେଇ କଳାକାରର ଜୀବନ କ'ଣ ସମ୍ପୂର୍ଣ୍ଣ ? ଦୁଃଖ ଦେଇ ଈଶ୍ୱର ତା'ର ପାରିବାପଣିଆକୁ ପରଖୁ ଥାଆନ୍ତି। ସେଥିଲାଗି ସେ ବାରମ୍ବାର କଳାକାରକୁ ଦୁଃଖ ଦେଇ ଚାଲିଥାନ୍ତି।" ଏକଥା କହନ୍ତି ଯାତ୍ରାଜଗତର ଅନ୍ୟତମ ବରିଷ୍ଠ ନିର୍ଦ୍ଦେଶକ ତଥା ଅଭିନେତା ସୁବୋଧ କୁମାର ମିଶ୍ର। ଏବେ କଳା ତାଙ୍କର ପତ୍ନୀ ଆଉ କଳା ବି ତାଙ୍କର ପ୍ରେମିକା। ତେବେ ଦିନଥିଲା ତାଙ୍କ ଆସିବା ବାଟକୁ ଅନେଇ ବସୁଥିଲା କେହି ଜଣେ। ସେ ଆଉ କେହି ନ ଥିଲେ ; ସେ ଥିଲେ ତାଙ୍କର ପ୍ରେମମୟୀ ପତ୍ନୀ ସସ୍ମିତା ମିଶ୍ର। ସସ୍ମିତାଦେବୀ ଜଣେ ବ୍ୟାଙ୍କ ଅଫିସର ଥିଲେ। ଉଭୟ ସୁବୋଧ ଓ ସସ୍ମିତାଙ୍କ କୋଳକୁ ଆସିଥିଲା ଝିଅ ଶିଖା ଓରଫ ସୌମ୍ୟାଶ୍ରୀ ମିଶ୍ର। ଏକ ପରିପୂର୍ଣ୍ଣ ସଂସାରର ମଣିଷ ଥିଲେ ସୁବୋଧ। ପତ୍ନୀ ସସ୍ମିତାଦେବୀ ଚାହୁଁଥିଲେ ସ୍ୱାମୀ କଳା ଆଉ ଅଭିନୟର ଶୀର୍ଷକୁ ସ୍ପର୍ଶ କରନ୍ତୁ। ତାଙ୍କରି ପ୍ରେରଣା ନେଇ ଆଗକୁ ଆଗକୁ ମାଡ଼ି ଚାଲୁଥିଲେ ସୁବୋଧ। ସେତେବେଳକୁ ସେ ବହୁ ନାଟକର ନିର୍ଦ୍ଦେଶନା ଦେଇ ସାରିଛନ୍ତି। ସେତିକିନୁହେଁ 'ବାଜେ ବଇଁଶି ନାଚେ ଘୁଙ୍ଗୁର', 'ଭୁଲି ହୁଏନା', 'ଏଇ ସଂଘର୍ଷ', 'ହସ ଲୁହ ଭରା ଦୁନିଆ', 'ରଣଭୂମି' ଭଳି ବହୁ ଚଳଚ୍ଚିତ୍ରରେ ଅଭିନୟ କରିବା ସହିତ ସହ ନିର୍ଦ୍ଦେଶକର ଦାୟିତ୍ୱ ନିର୍ବାହ କରି ସାରିଥାନ୍ତି। ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ସମ୍ଭବତଃ ଏତେ ସୁଖ ଈଶ୍ୱରଙ୍କୁ ବରଦାସ୍ତ ହେଲାନାହିଁ। ସସ୍ମିତାଦେବୀ ବାପଘରକୁ ଯାଇଥାନ୍ତି। ଗ୍ୟାସଚୁଲାରେ ଚା' କରୁଥାନ୍ତି। ନିଆଁ ଲାଗିଗଲା ଶାଢ଼ିରେ। ପାଖାପାଖି ଦଶ ପ୍ରତିଶତ ପୋଡ଼ି ହୋଇଗଲେ। ମେଡ଼ିକାଲରେ ଭର୍ତ୍ତି କରାଗଲା। ଭଲ ହୋଇ ଆସୁଥିଲେ। ମାତ୍ର ହଠାତ ପୋଡ଼ି ଯାଇଥିବା ସ୍ଥାନ ସବୁ ସଂକ୍ରମିତ ହେବା ଆରମ୍ଭ କଲା। ହାର ମାନିଲେନି ସୁବୋଧ। ସସ୍ମିତାଦେବୀ ଥିଲେ ତାଙ୍କର ଜୀବନ। ତାଙ୍କୁ ବଞ୍ଚେଇବା ପାଇଁ ସବୁ କିଛି କରିବାକୁ ସେ ପ୍ରସ୍ତୁତ ଥିଲେ। ହେଲେ ଈଶ୍ୱର ଚାହୁଁ ନ ଥିଲେ ସୁବୋଧଙ୍କ ପାଖକୁ ସସ୍ମିତା ଫେରି ଆସନ୍ତୁ। ମେଡ଼ିକାଲ ବେଡରେ ଶୋଇଥାନ୍ତି ସସ୍ମିତା। ପାଖରେ ବସିଥାନ୍ତି ସୁବୋଧ। ସସ୍ମିତା ତାଙ୍କ ମୁଣ୍ଡକୁ କୋଳରେ ରଖିବା ପାଇଁ ସୁବୋଧଙ୍କୁ କହିଲେ। ସସ୍ମିତାଙ୍କ ମୁଣ୍ଡକୁ ଆଣି ନିଜ କୋଳରେ ରଖିଲେ ସୁବୋଧ। ସସ୍ମିତା କହିଲେ: ମୁଁ ଯଦି ଚାଲିଯିବି ତା'ହେଲେ ତମେ କ'ଣ ଆଉଥରେ ମ୍ୟାରେଜ କରିବ। ସୁବୋଧ ବିରକ୍ତ ହେଲେ। ଆଖିକୁ ଲୁହ ପଳେଇ ଆସୁଥାଏ। କହିଲେ: ଏମିତି କାହିଁକି କହୁଛ। ଡାକ୍ତରମାନେ କହୁଛନ୍ତି ପରା ଆମେ ଘରକୁ ଫେରିଯିବା। ସସ୍ମିତା କହିଲେ: ଆଜି ମୋର ସିନ୍ଦୂର ଶଙ୍ଖା ନାଇବାକୁ ଭାରି ଇଚ୍ଛା ହେଉଛି। ସୁବୋଧ ସସ୍ମିତାଙ୍କୁ ଶଙ୍ଖା ଓ ସିନ୍ଦୂର ପିନ୍ଧେଇଦେଲେ। ହେଲେ ସେ ଜାଣି ନ ଥିଲେ ଯେ, ଏହା ପରେ ସେ ଆଉ କେବେ ବି ସସ୍ମିତାଙ୍କୁ ପାଇବେ ନାହିଁ। ସେଦିନ ଥିଲା ଫେବୃଆରୀ ୨୭ ତାରିଖ। ସୁବୋଧ କହନ୍ତି : ଏହି ତାରିଖରେ ସସ୍ମିତାଙ୍କ ସହ ତାଙ୍କର ନିର୍ବନ୍ଧ ହୋଇଥିଲା। ଠିକ୍ ସେଇ ତାରିଖରେ ସସ୍ମିତା ତାଙ୍କ ହାତ ଛାଡ଼ି ଚାଲିଗଲେ। ଝିଅକୁ ଧରି ନୀରବରେ କାନ୍ଦୁଥାନ୍ତି ସୁବୋଧ। ଅନେଇ ରହିଥାନ୍ତି କୋକେଇରେ ଶୋଇଥିବା ତାଙ୍କର ପ୍ରାଣପ୍ରିୟା ସସ୍ମିତାଙ୍କୁ। ମାର୍ଚ୍ଚ ୮ ତାରିଖରେ ତାଙ୍କର ବିବାହ। ସେହିଦିନ ସସ୍ମିତାଙ୍କର ଦଶାହ ପଡ଼ିଲା। ଦଶହାଣ୍ଡି ଉଠିଲା। ମା' ଯେ ଆଉ ନାହିଁ ସେକଥା ଝିଅ ଶିଖା ବୁଝିପାରୁ ନ ଥାଏ। ଅନେକେ ତାଙ୍କୁ କହିଛନ୍ତି ଦ୍ୱିତୀୟ ବିବାହ କରିବା ପାଇଁ। ମାତ୍ର ସମସ୍ତଙ୍କୁ ନାହିଁ କରିଦେଇଛନ୍ତି ସୁବୋଧ। ସବୁବେଳେ ଅନୁଭବ କରିଛନ୍ତି ସସ୍ମିତା ତାଙ୍କ ପାଖେପାଖେ ଅଛନ୍ତି। ଆଉ ଝିଅକୁ ଏବଂ ତାଙ୍କୁ ଜଗି ରହିଛନ୍ତି।

# ଅଭିନୟ ମାୟାରେ ପୂଜା

ଅଭିନୟ ଯାହାକୁ ନିଜର କରିବ ସେ ଶତଚେଷ୍ଟା କରି ମଧ୍ୟ ଅଭିନୟଠୁ ନିଜକୁ ଦୂରେଇ ରଖିପାରିବନି। ସେମିତି ଜଣେ ଅଭିନେତ୍ରୀ ହେଉଛନ୍ତି ପୂଜା। ପୂରା ନାମ ପୂଜାରାଣୀ ବିଶ୍ୱାଳ। ପୂଜା ଅଭିନୟକୁ ସାଥିରେ ଧରି ଜନ୍ମ ହୋଇଥିଲେ। ସେଥିଲାଗି ତ ସେ କୌଣସି ତାଲିମ୍ ନ ନେଇ ବି ଭଲ ନାଚି ପାରୁଥିଲେ। ଭଲ ଅଭିନୟ କରି ପାରୁଥିଲେ। ତାଙ୍କର ନାଚିବାକୁ ତଥା ଅଭିନୟ କରିବାକୁ ବାପାମା' ପସନ୍ଦ କରୁ ନ ଥିଲେ। ପ୍ରତିବାଦ କରୁଥିଲେ। ମାତ୍ର ପୂଜାଙ୍କଠାରୁ କେହି ଅଭିନୟକୁ ପୃଥକ କରିପାରି ନ ଥିଲେ। ଟିଭିରେ ଯାତ୍ରା ଦେଖି ବିଭୋର ହୋଇଯାଉଥିଲେ ପୂଜା। ଅଭିନୟ କରୁଥିବା ଅଭିନେତା ଅଭିନେତ୍ରୀମାନଙ୍କୁ ଦେଖି ଭାବୁଥିଲେ, ସେ ସେମାନଙ୍କ ପରି ଅଭିନୟ କରିପାରନ୍ତେ କି ? ଜଗତ୍‌ସିଂହପୁର ଏରସମାର ରାଧାମାଧବ କଳାବିକାଶ କେନ୍ଦ୍ରରେ ପ୍ରଥମ କରି ମୁହଁରେ ରଙ୍ଗ ବୋଳିଲେ ପୂଜା। ସେ ଦିନଟି ଥିଲା ତାଙ୍କ ପାଇଁ ଅଭୁଲା ଦିନ। କଳାବିକାଶ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ 'ଅଶ୍ୱମେଧ ଯଜ୍ଞ' ଗୀତିନାଟ୍ୟରେ ସେ ଅଭିନୟ କଲେ। ଏହା ଥିଲା ତାଙ୍କ ଜୀବନର ପ୍ରଥମ ଅଭିନୟ। ଏହାପରେ ପୂଜା ଧରିନେଲେ ଯେ ସେ ଅଭିନେତ୍ରୀ ହିଁ ହେବେ। ୨୦୦୨ ମସିହାରେ ସେ ଅଷ୍ଟଶମ୍ଭୁ ଗଣନାଟ୍ୟରେ ଯୋଗଦେଲେ ଜଣେ ନୃତ୍ୟାଙ୍ଗନା ଭାବରେ। ସେଠାରେ ମଧ୍ୟ ତାଙ୍କୁ ଶିଶୁ କଳାକାର ଭାବରେ ଛୋଟମୋଟ ଅଭିନୟ ମିଳିଯାଉଥିଲା। ଏହା ପରେ ସେ ଆସି ଯୋଗଦେଲେ 'ପିନାକୀ ଗଣନାଟ୍ୟ'ରେ। ଏଠାରେ ତାଙ୍କୁ ପ୍ରଥମ ଥର କମେଡ଼ି ଭୂମିକାରେ ଅଭିନୟ କରିବାକୁ ସୁଯୋଗ ମିଳିଲା। କମେଡ଼ି ଭୂମିକା ପରେ ତାଙ୍କୁ ମିଳିଲା ମୁଖ୍ୟ ଚରିତ୍ର। ସେ ଉଭୟ ପଜିଟିଭ୍ ଏବଂ ନେଗେଟିଭ୍ ଭୂମିକାରେ ନିଖୁଣ ଅଭିନୟ କରିପାରନ୍ତି। ତେବେ ପଜିଟିଭ୍ ଅପେକ୍ଷା ନେଗେଟିଭ୍ ଭୂମିକା ତାଙ୍କର ପସନ୍ଦ। ନେଗେଟିଭ ବା ଡେଭିଲ୍ ଭୂମିକା କରୁଥିବା ବେଳେ ତାଙ୍କୁ ଦର୍ଶକଙ୍କଠୁ ଗାଳି ଖାଇବାକୁ ପଡ଼ିଛି। କେହିକେହି ଦର୍ଶକ ଟେକା ପଥର ବି ମାଡ଼ କରିଦେଇଛନ୍ତି। ହେଲେ ସେତେବେଳେ ତାଙ୍କୁ ଲାଗିଛି ଯେମିତି ତାଙ୍କୁ ତାଙ୍କ ଅଭିନୟ ପୁରସ୍କାର ମିଳିଯାଇଛି। ପୂଜା ଇତିମଧ୍ୟରେ ଅନେକ ନାଟକରେ ଅଭିନୟ କରି ସାରିଛନ୍ତି। ସେଥିମଧ୍ୟରେ ରହିଛି 'ପ୍ରତାରଣା', 'ଡାକ ବଙ୍ଗଳାର ଡାର୍ଲିଂ', 'ରାଜଧାନୀ ଏକ୍ସପ୍ରେସ୍', 'ଝିଅ ଓଡ଼ିଆ ଭାରି ବଢ଼ିଆ', 'କଣ୍ଟ୍ରାକ୍ଟ ମ୍ୟାରେଜ୍', 'ଲଫଙ୍ଗା ଟୋକା' ଏବଂ ଆହୁରି ଅନେକ। ସମ୍ପ୍ରତି ଧଉଳି ଗଣନାଟ୍ୟରେ ନିଜର ଅଭିନୟ ଜାରି ରଖିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି : 'କଳାକାହ୍ନୁ ମୋର କାଳିଆ ସୁନା', 'କହ ଗୌରଦାସ କାହାର ଦୋଷ', 'କଳିଯୁଗ ରାମାୟଣ' ଏବଂ 'କେମିତି କହିବି ଏମିତି କଥା'। ସ୍ୱାମୀ ଟିଙ୍କିନା ବିଶ୍ୱାଳଙ୍କ ପ୍ରେରଣା ତାଙ୍କୁ ଆଗକୁ ଯିବାରେ ସହାୟକ ହେଉଛି ବୋଲି କହନ୍ତି ପୂଜା।





# ଫ୍ରାନ୍ସରେ ପ୍ରିୟ ପ୍ରେମଚନ୍ଦ

ଫ୍ରାନ୍ସର ପାଠକମାନଙ୍କ ନିକଟରେ ପ୍ରେମଚନ୍ଦ ଖୁବ୍ ପ୍ରିୟ। ଫ୍ରାନ୍ସର ପାଠକମାନେ ଭାରତୀୟ ସାହିତ୍ୟ ଅଧିକ ପଢ଼ିବାରେ ରୁଚି ରଖନ୍ତି ବୋଲି ଏକ ତଥ୍ୟରୁ ଜାଣିବାକୁ ମିଳିଛି। ଅନୁରୂପ ଭାବରେ, ଭାରତୀୟ ସାହିତ୍ୟପ୍ରେମୀଙ୍କ ପାଇଁ ଏବେ ଫରାସୀ ଲେଖକମାନେ ଲୋକପ୍ରିୟ ପାଲଟି ଯାଇଛନ୍ତି। ସେମାନଙ୍କ ମଧ୍ୟରେ ଫରାସୀ ପୁସ୍ତକ ପଢ଼ିବାର ମୋହ ପ୍ରବଳ ହୋଇଛି। ଅକ୍ସଫୋର୍ଡ଼, ପେଙ୍ଗୁଇନ୍ ଆଦି ଅନ୍ତର୍ଜାତୀୟ ସ୍ତରର ପୁସ୍ତକ ପ୍ରକାଶନୀ ସଂସ୍ଥାଠୁ ମିଳିଥିବା ତଥ୍ୟ ଏହି ଧାରଣା ସୃଷ୍ଟି କରିଛି। କେବଳ ସେତିକିନୁହେଁ, ମୂଳ ଫରାସୀ ପୁସ୍ତକ ପଢ଼ିବା ପାଇଁ ବହୁ ଭାରତୀୟ ଫ୍ରାନ୍ସ ଭାଷା ମଧ୍ୟ ଆୟତ୍ତ କରୁଛନ୍ତି। ପ୍ରେମଚନ୍ଦଙ୍କ ବ୍ୟତୀତ ଆର.କେ.ନାରାୟଣ ମଧ୍ୟ ଫ୍ରାନ୍ସରେ ଲୋକପ୍ରିୟତାର ଶୀର୍ଷରେ ରହିଛନ୍ତି।













ବ୍ୟାକ୍ ପେଜ୍

# ସମାଧି ସହ ବିବାହ

ନିର୍ବନ୍ଧ ସହ ବାହାଘରର ସବୁ ଆୟୋଜନ ସରିଥିଲା । ବାହାଘରର ପୋଷାକ ବି କିଣା ସରିଥିଲା । ନବବଧୂ ସାଜିବାର ସ୍ୱପ୍ନ ଦେଖୁଥିଲା ଝିଅଟି । ହେଲେ ହଠାତ୍ ଆସିଲା ଏକ ଦୁଃଖଦ ଖବର । ରାସ୍ତା ଦୁର୍ଘଟଣାରେ ପ୍ରାଣ ହରାଇଲେ ଭାବୀ ସ୍ୱାମୀ । ସବୁକିଛି ଓଲଟପାଲଟ ହୋଇଗଲା । ଘଟଣାଟି ଘଟିଥିଲା ୨୦୧୭, ଆମେରିକାର ଇଣ୍ଡିଆନାରେ । ଜେସିକା ପେଜେଟ୍ ନାମ୍ନୀ ଯୁବତୀ ବିବାହ ପୂର୍ବରୁ ହରାଇଥିଲେ ନିଜ ଭାବୀ ସ୍ୱାମୀ କେଣ୍ଡଲ ମର୍ଫିଙ୍କୁ । ଅନେକ ମାସ ଲାଗିଯାଇଥିଲା ତାଙ୍କୁ ଏହି ଗଭୀର ଦୁଃଖରୁ ବାହାରିବା ଲାଗି । କିଛି ମାସ ପରେ ସେ ଏମିତି ଏକ ନିଷ୍ପତ୍ତି ନେଲେ, ଯାହା ସମସ୍ତଙ୍କୁ ଚକିତ କରିଦେଇଥିଲା । ଜେସିକା ବିବାହ କରିବାକୁ ନିଷ୍ପତ୍ତି ନେଲେ । ସେ ପୁଣି ନିଜର ମୃତ ବାଗ୍‌ଦତ୍ତା ମର୍ଫିଙ୍କ ସହ । ଘର ଲୋକେ ବି ସହମତି ଜଣାଇଲେ । ପରିବାରବର୍ଗ ଓ କିଛି ସମ୍ପର୍କୀୟଙ୍କ ଉପସ୍ଥିତିରେ ୨୦୧୮ ସେପ୍ଟେମ୍ବର ୨୯ରେ ସେ ସମ୍ପୂର୍ଣ୍ଣ ରୀତିନୀତି ଅନୁଯାୟୀ ମର୍ଫିଙ୍କ ସମାଧି ସହ ବିବାହ କଲେ । ଜେସିକାଙ୍କ ଘର ଲୋକେ ମର୍ଫିଙ୍କ ପାଇଁ ଜୋତା ବି କିଣିଥିଲେ । ଜେସିକା ବିବାହ ଦିନ ସେହି ଜୋତାକୁ ନିଜ ସହ ଆଣିଥିଲେ । ଆଉ ଏହି ବିବାହର ଫଟୋ ଶୁଟ୍ ବି ହୋଇଥିଲା । ଯେଉଁ ଫଟୋଗ୍ରାଫରଙ୍କୁ ବିବାହର ଫଟୋ ଉଠାଇବା ପାଇଁ ପୂର୍ବରୁ ସ୍ଥିର କରାଯାଇଥିଲା, ସେ ହିଁ ଫଟୋ ଶୁଟ୍ କଲେ । ଏହି ଫଟୋକୁ ଜେସିକା ନିଜ ଫେସ୍‌ବୁକ୍ ପେଜ୍‌ରେ ଅପଲୋଡ୍ କରିଥିଲେ । ଏହାପରେ ତାଙ୍କର ଏହି ପଦକ୍ଷେପ ପାଇଁ ମିଳିଥିଲା ଅନେକ ପ୍ରଶଂସା ।







# ୨୭ଟି କଇଁଚିରେ କାଟନ୍ତି କେଶ

ଆଜିକାଲି ଅନେକ ହେୟାର ଡ୍ରେସର୍ ବିଭିନ୍ନ ଉପାୟରେ କେଶ କାଟି ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି । ସେମିତି ଜଣେ ହେୟାର୍ ଡ୍ରେସର୍ ହେଉଛନ୍ତି ୨୬ ବର୍ଷୀୟ ମହମ୍ମଦ ଅବୈସ୍ । ଦୀର୍ଘ ୧୦ ବର୍ଷ ଧରି ସେ ହେୟାର୍ ଡ୍ରେସର୍ ଭାବେ କାମ କରୁଛନ୍ତି । ତେବେ ଏହି ବୃତ୍ତିକୁ ଆସିବା ପୂର୍ବରୁ ସେ ଏହାକୁ ନେଇ କଡ଼ା ତାଲିମ୍ ନେଇଥିଲେ । ପ୍ରଥମେ ସେ ଇରାନ ଓ ପରେ ଇଟାଲୀରେ ତାଲିମ ନେଇଥିଲେ । ପରେ ସେ ନିଜ ସେଲୁନ୍‌ରେ ଏକ ଅଭିନବ ଉପାୟରେ କେଶ କାଟିବା ଆରମ୍ଭ କଲେ । ମହମ୍ମଦ ୨୭ଟି କଇଁଚି ଏକାସାଙ୍ଗରେ ଦୁଇ ହାତର ଆଙ୍ଗୁଠିରେ ଧରି କେଶ କାଟିଲେ । ଏତେସଂଖ୍ୟକ କଇଞ୍ଚି ଧରି ବି ସେ ବେଶ୍ ଆରାମରେ ଓ ଖୁବ୍‌ଶୀଘ୍ର ସୁନ୍ଦର ହେୟାର୍ ଷ୍ଟାଇଲ୍ କରିପାରନ୍ତି । ତେଣୁ ସେ ଏବେ ବେଶ୍ ଚର୍ଚ୍ଚିତ । ସେ କୌଣସି କାମକୁ ଛୋଟ କି ବଡ଼ ଭାବନ୍ତି ନାହିଁ । ଖୁବ୍ କମ୍ ବୟସରୁ ସେ ଜଣେ ଭଲ ହେୟାର୍ ଡ୍ରେସର୍ ହେବାକୁ ଚାହୁଁଥିଲେ । ଶେଷରେ ସେ ନିଜ ଚେଷ୍ଟା ବଳରେ ସଫଳ ହୋଇପାରିଲେ ମଧ୍ୟ ।